# ସମର୍ଥନ ୪


# କୃଷକ ଉତ୍ପାଦକ ସଂଗଠନ ପରିଚାଳନା




cysd
Enable-Empower-Include...

apmas

# ତଦାରଖ କରିବା ପ୍ରଣାଳୀ



**୪**

ମଡ୍ୟୁଲ

# ସମର୍ଥନ

## କୃଷକ ଉତ୍ପାଦକ ସଂଗଠନର ପରିଚାଳନା

କୃଷକ ଉତ୍ପାଦକ ସଙ୍ଗଠନର
ନିର୍ଦ୍ଦେଶକମଣ୍ଡଳୀମାନଙ୍କ ନିମନ୍ତେ ଶିକ୍ଷଣ ପେଟିକା










DGRV apmas cysd Enable-Empower-Include...

# ସମର୍ଥନ

## କୃଷକ ଉତ୍ପାଦକ ସଙ୍ଗଠନର ପରିଚାଳନା

ପ୍ରଥମ ସଂସ୍କରଣ – ଫେବୃୟାରୀ ୨୦୨୧
ମୂଲ୍ୟ – ୧୦୦ ଟଙ୍କା ମାତ୍ର

ପୁନଃ ପ୍ରକାଶନ ପାଇଁ ଅଧିକାର ପ୍ରକାଶକ ହାତରେ । ଏପିମାସ୍‌ର ଅନୁମତି ଏବଂ ଏପିମାସ ଏବଂ ଡି.ଜି.ଆର୍.ଭି.ର ଲୋଗୋ ବ୍ୟବହାର କରି ଏହି ପୁସ୍ତିକାଟିର ପୁନଃ ପ୍ରକାଶନ ହୋଇପାରିବ ।

ଏହି ପୁସ୍ତିକାଟିକୁ ନେବାକୁ ହେଲେ, ଆପଣ ଏପିମାସ ଅଫିସରେ ଯୋଗାଯୋଗ ଫୋନ୍ କିମ୍ବା ମେଲ୍ ପଠାଇ କରିପାରିବେ ।

**ଅନୁବାଦ**

cysd Enable-Empower-Include...

**ସିୱାଇଏସ୍‌ଡ଼ି**
ଇ-୧, ଇନଷ୍ଟିଚ୍ୟୁସନାଲ ଏରିଆ, ଗଙ୍ଗାଧର ମେହେର ମାର୍ଗ
ପୋଷ୍ଟ - ଆର.ଆର.ଏଲ୍., ଭୁବନେଶ୍ୱର - ୭୫୧୦୧୩ ଓଡ଼ିଶା
ଫୋନ୍ - ୦୬୭୪ ୨୩୦୦୯୮୩, ୨୩୦୧୭୨୫
ଇ ମେଲ୍ - cysd@cysd.org / info@cysd.org
ୱେବ୍‌ସାଇଟ୍ - www.cysd.org

**ପ୍ରକାଶକ:**

apmas

**ମହିଳା ଅଭିବୃଦ୍ଧି ସୋସାଇଟି (ଏପିମାସ୍)**
ପ୍ଲଟ୍ ନଂ – ୧୧ ଏବଂ ୧୨, ହୁଡା କଲୋନି, ଟନେସା ନଗର, ମନିକୋଣ୍ଡା,
ହାଇଦ୍ରାବାଦ - ୫୦୦୦୮୯, ତେଲେଙ୍ଗାନା, ଭାରତ
ଅଫିସ୍ ଫୋନ୍ – ୦୮୪୧୩-୪୦୩୧୧୮/୦୮୪୧୩-୪୦୩୧୨୦
ଇ-ମେଲ୍ ଆଇଡି : info@apmas.org
ୱେବ୍‌ସାଇଟ୍ – www.apmas.org

# କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ପାଇଁ ଆତ୍ମ-ଶିକ୍ଷଣ ପେଟିକା କାହିଁକି ?

ଯଦିଓ ଭାରତୀୟ ଚାଷୀ ବା କୃଷକମାନେ ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ତଥାପି ବିଗତ ଦଶନ୍ଧିରେ "କୃଷି" ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲାଭ କରିଛି। ପଲିସି ପ୍ରସ୍ତୁତକାରୀ ଏବଂ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କ ଦ୍ୱାରା କୃଷକମାନଙ୍କୁ ସେମାନଙ୍କ ସମୂହ ଯଥା; ଚାଷୀ/ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ (FPO) କୃଷକମାନଙ୍କ ଉନ୍ନତି ପାଇଁ ସର୍ବାଧିକ ଆନୁଷ୍ଠାନିକ ବ୍ୟବସ୍ଥା ରୂପେ ଗଢ଼ି ଉଠିଛି। ଆସନ୍ତା ୫ ବର୍ଷ ମଧ୍ୟରେ ଭାରତବର୍ଷରେ ଚାଷୀମାନଙ୍କର ଆୟ ଦ୍ୱିଗୁଣିତ କରିବାପାଇଁ କୃଷକମାନଙ୍କର ଉତ୍ପାଦକ ସଂଗଠନ ବିଚାର ଅଦାଲତର ବିନା ସାହାଯ୍ୟରେ ଏକ ରଣନୀତି। ଭାରତବର୍ଷରେ ୫୦୦୦ କୃଷକ ଉତ୍ପାଦକ ସଂଗଠନଗୁଡିକ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଗଠନ କରାଯାଇ ସୁଦୃଢ଼ କରାଯାଉଅଛି ଏବଂ ଆହୁରି ଅନେକ କୃଷକ ଉତ୍ପାଦକ ସଂଗଠନ ଗଠନ କରାଯାଉଅଛି। ତେଲୁଗୁ ଭାଷା ବାସୀ ରାଜ୍ୟ ଯଥା; ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ୭୦୦ କୃଷକ ଉତ୍ପାଦକ ସଂଗଠନ ଅଛି। କୃଷକ ଉତ୍ପାଦକ ସଂଗଠନ ଗଢ଼ିବା ଆନ୍ଦୋଳନ ଏ ପର୍ଯ୍ୟନ୍ତ ଜନ୍ମହୋଇ ବଢୁଥିବା ପର୍ଯ୍ୟାୟରେ ଅଛି ଯାହା ସହିତ ସେଗୁଡିକର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସେମାନଙ୍କର ପୃଷ୍ଠପୋଷକ ମାନଙ୍କ ଉପରେ ନିର୍ଭର କରୁଛନ୍ତି। ଯେଉଁମାନଙ୍କର ଲକ୍ଷ୍ୟ, ବ୍ୟବସାୟିକ ଚିନ୍ତାଧାରା, ପ୍ରଶିକ୍ଷଣ ଏବଂ ଦକ୍ଷତା ସୀମିତ ଅଟେ କାରଣ ସେମାନଙ୍କ ପାଇଁ ଖୁବ୍ କମ୍ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି। ଏକ ବଳିଷ୍ଠ, ନିଷ୍ଠାବାନ୍ ଏବଂ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ପାଇବା କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ କଠିନ ବ୍ୟାପାର। କୃଷକ ଉତ୍ପାଦକ ସଂଗଠନ ଅନ୍ୟ କେତେଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛି ଯଥା; ଉତ୍ତମ ସୁଶାସନ, ବ୍ୟବସାୟ ପରିଚାଳନା, ସଫଳ ବ୍ୟବସ୍ଥା ଏବଂ ଅର୍ଥ ଓ ବଜାର ସହିତ ସରକାରୀ ଯୋଜନା ପାଖରେ ପହଞ୍ଚିବା। କୃଷିଜାତ ଦ୍ରବ୍ୟର ମୂଲ୍ୟ ଶୃଙ୍ଖଳ ବିକାଶକୁ ଉତ୍ତମରୂପେ ପ୍ରଭାବିତ କରିବା, କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ ଦୂରୁହ ବ୍ୟାପାର ଅଟେ।

ନିର୍ଦ୍ଦେଶକମଣ୍ଡଳୀମାନଙ୍କର ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ହେଉଛି ମୌଳିକ ଏବଂ କୃଷକ ଉତ୍ପାଦକ ସଂଗଠନର ସଫଳତା ଏବଂ ସେମାନେ ବ୍ୟବସାୟିକ ଅନୁଷ୍ଠାନ ରୂପେ ଗଢ଼ି ଉଠିବା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି ସହିତ ସେମାନଙ୍କ ସଭ୍ୟ ଚାଷୀମାନଙ୍କୁ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଚାଷରୁ ଲାଭାଂଶ ବୃଦ୍ଧି କରିବା ପାଇଁ ଏହା ଆନୁସାଙ୍ଗିକ ଭାବରେ ଆବଶ୍ୟକ ହୁଏ। ଲଗାତର ପ୍ରଶିକ୍ଷଣ ଏବଂ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ, କର୍ମଚାରୀମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ବିକାଶ କେନ୍ଦ୍ର ଜରିଆରେ ପ୍ରାଥମିକତା ଅଟେ ଯାହାକି ଆମ୍ଭେ ଅନେକଗୁଡିଏ କୃଷକ ଉତ୍ପାଦକ ସଂଗଠନ ଗଠନ ଓ ଅନ୍ୟ ମାନଙ୍କଦ୍ୱାରା ଗଠିତ କୃଷକ ଉତ୍ପାଦକ ସଂଗଠନଗୁଡିକୁ ପଥପ୍ରଦର୍ଶନ କାର୍ଯ୍ୟରେ ସଂଶ୍ଳିଷ୍ଟ ଅଛୁ ଏବଂ ସେମାନଙ୍କୁ ଉପଯୁକ୍ତ କୃଷିଜାତ ଦ୍ରବ୍ୟ ମୂଲ୍ୟ ଶୃଙ୍ଖଳ ବିକାଶ ପ୍ରଚେଷ୍ଟା ଗୁଡ଼ିକରେ ସଂଶ୍ଳିଷ୍ଟ ହେବାକୁ ଚେଷ୍ଟା ଜାରି ରଖିଛୁ।

ପୂର୍ବରୁ ଥିବା କୃଷକ ଉତ୍ପାଦକ ସଂଗଠନ ପାଇଁ ପ୍ରଶିକ୍ଷଣ ପେଟିକା ଓ ପ୍ରଶିକ୍ଷକଙ୍କପାଇଁ ସମୀକ୍ଷା କଲାବେଳେ, ଆମ୍ଭେ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ନିମନ୍ତେ ଗୁଣାତ୍ମକ, ପ୍ରୟୋଗାତ୍ମକ ଏବଂ ବ୍ୟବହାର ଉପଯୋଗୀ ବା ବ୍ୟବହାରକାରୀଙ୍କ ସାଥୀ ଆତ୍ମଶିକ୍ଷଣ ପେଟିକା ପାଇଲୁ ନାହିଁ। ଆମ୍ଭର ସ୍ୱୟଂ ସହାୟକ ସଂଗଠନ ପାଇଁ ନିଜର ପରିଚାଳନା ଉପରେ ବହୁତ ଦିନର ଅଭିଜ୍ଞତାକୁ ଭିତ୍ତିକରି ଆତ୍ମଶିକ୍ଷଣ ପେଟିକା ପ୍ରସ୍ତୁତି ଏବଂ ୧୮ ବର୍ଷର ସଂଗଠନ ସୁଦୃଢ଼ କରି ବା ତାଲିମ୍‌ର ଅନୁଭୂତିକୁ ପାଥେୟ କରି ଶ୍ରୀ ମଧୁମୂର୍ତ୍ତି

ଏବଂ ଶ୍ରୀମତୀ ରମାଲକ୍ଷ୍ମୀଙ୍କ ନେତୃତ୍ୱରେ ଏପିମାସ୍‌ର ଟିମ୍ ଏକ ବର୍ଷରୁ ଅଧିକ ସମୟ ଧରି ସମ୍ବଳ ଅନୁଷ୍ଠାନ, ସହଭାଗୀ ବେସରକାରୀ ଅନୁଷ୍ଠାନ, ପ୍ରଶିକ୍ଷଣ ଅନୁଷ୍ଠାନ ଏବଂ କୃଷକ ଉତ୍ପାଦକ ସଂଗଠନର ଆବଶ୍ୟକତା ଏବଂ ଗୁରୁତ୍ୱ, ଅନୁଷ୍ଠାନର ଢାଞ୍ଚା, ସଦସ୍ୟତା, ନେତୃତ୍ୱ ଏବଂ ସ୍ୱଶାସନ, ପରିଚାଳନା, ପଞ୍ଜୀକରଣ ଏବଂ ଆଇନ୍‌ଭିତ୍ତିକ ନିୟମ ପାଳନ, ବ୍ୟବସାୟିକ ଯୋଜନା, ଉତ୍ପାଦନ ବୃଦ୍ଧି, ସାମୂହିକ ବଜାର (ସାଧନ ପ୍ରବେଶ ଓ ଫଳାଫଳ ପ୍ରାପ୍ତ), କୃଷିଭିତ୍ତିକ ସେବା କେନ୍ଦ୍ର ପରିଚାଳନା, ଆର୍ଥିକ ଏବଂ ହିସାବ କିତାବର ପରିଚାଳନା ସମ୍ବନ୍ଧିତ ବିଷୟବସ୍ତୁ ଥାଇ କ୍ରମାନ୍ୱୟରେ ୧ ୨ଟି ସହଜ ଓ ବ୍ୟବହାର-ଯୋଗ୍ୟ ଆତ୍ମ-ଶିକ୍ଷଣ ପେଟିକା ପ୍ରସ୍ତୁତ କରିଛନ୍ତି ।

ଯେହେତୁ କୃଷକ ଉତ୍ପାଦକ ସଂଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ଚିରସ୍ଥାୟୀ ବ୍ୟବସାୟିକ ଅନୁଷ୍ଠାନ, ତେଣୁ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସବୁବେଳେ ଦକ୍ଷତା ବିକାଶର ଆବଶ୍ୟକତା ରହିଛି । ଏହାର ମୁଖ୍ୟ କାରଣ ହେଲା ଏହି ନିର୍ଦ୍ଦେଶକମଣ୍ଡଳୀ ଓ କର୍ମକର୍ତ୍ତା କିଛି ବର୍ଷ ଅନ୍ତରରେ ନିର୍ବାଚନର ସମ୍ମୁଖୀନ ହୁଅନ୍ତି । ଆମ୍ଭେ ନିଶ୍ଚିତ ଯେ, ଏହି ସହଜ ବ୍ୟବହାର ଯୋଗ୍ୟ, ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଂଗଠନକୁ ସୁଦୃଢ଼ କରିବା ଏବଂ ସେମାନଙ୍କ ସଦସ୍ୟମାନଙ୍କୁ ସେବା ଯୋଗାଇବା ପାଇଁ ବ୍ୟବହାର ଉପଯୋଗୀ ହୋଇପାରିବ । କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକମାନେ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କୁ ଏହି ଆତ୍ମ-ଶିକ୍ଷଣ ପେଟିକାରୁ ଶିକ୍ଷାପ୍ରାପ୍ତ କରିବା ପାଇଁ ସହାୟତା କରିପାରିବେ । କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକ ଏବଂ ଅନ୍ୟ ସଂପୃକ୍ତ ବ୍ୟକ୍ତିବିଶେଷ ଏହି କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମ-ଅଧ୍ୟୟନ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ କରିବା ସହିତ କୃଷକ ଉତ୍ପାଦକ ସଂଗଠନକୁ ଏକ ସ୍ୱୟଂ-ପରିଚାଳିତ ଏବଂ ସୁଦୃଢ଼ ବ୍ୟବସାୟ ଅନୁଷ୍ଠାନ କରି ଗଢ଼ି ତୋଳିପାରିବେ । ଏପିମାସ ଏହି ଆତ୍ମ-ଅଧ୍ୟୟନ ପେଟିକାକୁ ତେଲୁଗୁ, ଇଂରାଜୀ ଓ ଓଡ଼ିଆରେ ପ୍ରକାଶ କରିବାର ଦାୟିତ୍ୱ ନେଇଛି, ଯାହା ଚାହିଦା ଉପରେ ପର୍ଯ୍ୟବେସିତ । ଏହି ପେଟିକା ଉପଯୁକ୍ତ ଭାବରେ ଅନ୍ୟ ଭାରତୀୟ ଭାଷାରେ ସମ୍ବଳ ଅନୁଷ୍ଠାନ, ରାଜ୍ୟ ସରକାର ଓ ନାବାର୍ଡ ଏବଂ ଅନ୍ୟ ପ୍ରଶିକ୍ଷଣ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ବ୍ୟବହାର କରାଯାଇପାରିବ । ଏପିମାସ୍ ଏହି ପ୍ରଚେଷ୍ଟାକୁ ନିଶ୍ଚିତ ରୂପେ ସହଯୋଗ କରିବ । ଆପଣଙ୍କ ମତାମତ ଅପେକ୍ଷାରେ !

ଧନ୍ୟବାଦ ସହ

ସି.ଏସ୍. ରେଡ୍ଡି

ମୁଖ୍ୟ କାର୍ଯ୍ୟନିର୍ବାହୀ, ଏପିମାସ୍

# କୃତଜ୍ଞତା

ଦେଶର ଶତକଡା ୭୦ଭାଗ ଲୋକ କୃଷି କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ କୃଷକମାନେ କୃଷିଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ପାଇବା ଆଜି ଦିନରେ ଏକ ଦୁରୁହ ବ୍ୟାପାର। ଚାଷୀକେନ୍ଦ୍ରିକ କୃଷିକୁ ସୁଚାରୁରୂପେ ଆପଣା ଯାଇପାରିନାହିଁ। ଚାଷଜନିତ ବହୁମୁଖୀ ସମସ୍ୟା ଯୋଗୁ ଚାଷପ୍ରତି ଚାଷୀର ଆଗ୍ରହ କମିବାରେ ଲାଗିଛି। ଖୁସିର ଖବର କୃଷକମାନଙ୍କ ଉନ୍ନତି ପାଇଁ ଏବେ କୃଷକ ଉତ୍ପାଦକ ସଙ୍ଗଠନମାନ ଗଢିଉଠୁଛି। କୃଷିଜାତ ଦ୍ରବ୍ୟର ବିକ୍ରିବଟାକୁ ପ୍ରଭାବିତ କରିବା କୃଷକ ଉତ୍ପାଦକ ସଙ୍ଗଠନର ମୌଳିକ ଦାୟିତ୍ୱ ଅଟେ।

କୃଷକ ଉତ୍ପାଦକ ସଙ୍ଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ବ୍ୟବସାୟିକ ସଙ୍ଗଠନ।ଏହି ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସର୍ବଦା ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ଏହି ୬ଟି ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଙ୍ଗଠନକୁ ସୁଦୃଢ଼ କରିବା ଓ ସେମାନଙ୍କର ସଦସ୍ୟମାନଙ୍କୁ ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ। ଏହି ଆତ୍ମ-ଶିକ୍ଷଣ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ ସହିତ ଏହା କୃଷକ ଉତ୍ପାଦକ ସଙ୍ଗଠନଗୁଡିକୁ ସ୍ୱୟଂଚାଳିତ ଏବଂ ଦୃଢ଼ ବ୍ୟବସାୟିକ ସଙ୍ଗଠନ ଭାବେ ଗଢି ତୋଳିବାରେ ସାହାଯ୍ୟ କରିବ ବୋଲି ଆମର ଆଶା।

ଏପିମାସ୍ (APMAS)ଦ୍ୱାରା ପ୍ରସ୍ତୁତ ୬ଟି ଶିକ୍ଷଣ ପେଟିକାକୁ ଓଡିଆ ଭାଷାରେ ଅନୁବାଦ କରିବା ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ଆମ୍ଭେ ସଙ୍ଗଠନକୁ କୃତଜ୍ଞତା ଜ୍ଞାପନ କରୁଅଛୁ। ଏଥିରେ ଶ୍ରୀମତୀ ଭାରତୀ ମହାପାତ୍ରଙ୍କୁ ଅନୁବାଦ ପାଇଁ ଏବଂ ଶ୍ରୀ ନଗେନ୍ଦ୍ର ଆଚାର୍ଯ୍ୟଙ୍କୁ ସଂଶୋଧନ ପାଇଁ ଧନ୍ୟବାଦ ଜଣାଉଛୁ । ଆଶା, ଏହି ଆତ୍ମ-ଶିକ୍ଷଣ ପେଟିକାଗୁଡିକ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ନିଶ୍ଚିତରୂପେ ଉପାଦେୟ ହେବ।

**ଜଗଦାନନ୍ଦ**
ମାର୍ଗଦର୍ଶକ

# ସୂଚୀପତ୍ର


ଶିକ୍ଷଣ ପେଟିକା ବିଷୟରେ ........ ୦୭

କଠିନଶବ୍ଦ (ଆକ୍ରୋନିମ୍‌ସ)........ ୦୯

କାର୍ଯ୍ୟକ୍ରମ ପ୍ରାରମ୍ଭିକ ମୂଲ୍ୟାୟନ ........ ୧୩

୧. କୃଷକ ଉତ୍ପାଦକ ସଂଗଠନର କର୍ମଚାରୀ........ ୧୪

୨. ସଂଯୋଗୀକରଣ ଓ ସହଭାଗୀତା........ ୧୯

୩. ତଦାରଖ ଏବଂ ବିବରଣୀ ପ୍ରଦାନ........ ୨୨

୪. ଅଡିଟ୍........ ୩୨

୫. ସବୁଠାରୁ ଭଲ କାର୍ଯ୍ୟ କରୁଥିବା କୃଷକ ଉତ୍ପାଦକ ସଂଗଠନସବୁର ମୁଖ୍ୟ ବୈଶିଷ୍ଟ୍ୟସମୂହ ........ ୪୦

ଶେଷ ମୂଲ୍ୟାୟନ ........ ୪୨

# ଶିକ୍ଷଣ ପେଟିକା ବିଷୟରେ

## ବୋର୍ଡ଼ର ନିର୍ଦ୍ଦେଶକମଣ୍ଡଳୀ ପାଇଁ ଶିକ୍ଷଣ ପେଟିକା

୧. ଜାଗୃତି – କୃଷକ ଉତ୍ପାଦକ ସଂଗଠନର ପରିଚୟ ଏବଂ ପ୍ରାସଙ୍ଗିକତା

୨. ପରିକଳ୍ପନା – କୃଷକ ଉତ୍ପାଦକ ସଂଗଠନର ଗଠନ ଢାଞ୍ଚା ଏବଂ ରୂପରେଖ

୩. ବିନିମୟ – କୃଷକ ଉତ୍ପାଦକ ସଂଗଠନର ସଦସ୍ୟତା

୪. ପ୍ରେରଣା – କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନ

**୫. ସମର୍ଥନ - କୃଷକ ଉତ୍ପାଦକ ସଂଗଠନର ପରିଚାଳନା।**

୬. ସୁଧର୍ମ – କୃଷକ ଉତ୍ପାଦକ ସଂଗଠନର ଆଇନଭିତ୍ତିକ ନିୟମ ପାଳନ

୭. ବ୍ୟବସାୟ ଭିତ୍ତିକ ଯୋଜନା

୮. ଆକାଉଣ୍ଟିଙ୍ଗ ଏବଂ ଅର୍ଥ

୯. ଅମଳ ପରେ, ଯୋଗାଣ ଶୃଙ୍ଖଳ ପରିଚାଳନା

୧୦. ବିପଣନ (ବିକ୍ରିବଟା)

୧୧. କୃଷି ଉତ୍ପାଦନ ଅଭିବୃଦ୍ଧି ପାଇଁ ସେବାସମୂହ

୧୨. ନେତୃତ୍ୱ

**ଏହି ଶିକ୍ଷଣ ପେଟିକା / ମଡ୍ୟୁଲ:** କୃଷକ ଉତ୍ପାଦକ ସଂଗଠନର ପରିଚାଳନା ହେଉଛି କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଆତ୍ମ-ଶିକ୍ଷଣ ମଡ୍ୟୁଲ କ୍ରମଅନୁସାରେ ୫ମ ଅଟେ। କୃଷକ ଉତ୍ପାଦକ ସଂଗଠନର ବୋର୍ଡ଼ର ନିର୍ଦ୍ଦେଶକ ମଣ୍ଡଳୀ କୃଷକ ଉତ୍ପାଦକ ସଂଗଠନର ପରିଚାଳନା ସେମାନଙ୍କ ଦ୍ୱାରା ନିୟୋଜିତ ହୋଇଥିବା କର୍ମଚାରୀ ଏବଂ ବ୍ୟବସ୍ଥା ଦ୍ୱାରା ତଦାରଖ କରିବା ଉଚିତ। କୃଷକ ଉତ୍ପାଦକ ସଂଗଠନ ସେତେବେଳେ ଫଳପ୍ରଦ ହେବ ଯେତେବେଳେ ଏହି ସଂଗଠନର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସେମାନଙ୍କ ପରିଚାଳନାକୁ ଖୁବ୍ ପାଖରୁ ଦେଖିପାରୁଥିବେ ବା ତଦାରଖ କରିପାରୁଥିବେ।

**ଉଦ୍ଦେଶ୍ୟ:** ଏହି ଶିକ୍ଷଣ ପେଟିକା ବା ମଡ୍ୟୁଲର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କୃଷକ ଉତ୍ପାଦକ ସଂଗଠନର ବୋର୍ଡ଼ର ନିର୍ଦ୍ଦେଶକମଣ୍ଡଳୀଙ୍କର ଆବଶ୍ୟକ ବୁଝାମଣା ହେବ ଏବଂ ପ୍ରଶିକ୍ଷଣ ପାଇବେ। ଯାହାଫଳରେ ସେମାନେ ସେମାନଙ୍କ ଭୂମିକା ନିର୍ବାହ କରିପାରିବେ ଏବଂ କୃଷକ ଉତ୍ପାଦକ ସଂଗଠନକୁ ଦୃଢ଼ ସଂଗଠନ ହିସାବରେ ଗଢ଼ିତୋଳି ସେମାନଙ୍କର ସଦସ୍ୟମାନଙ୍କୁ ଉପକୃତ କରିପାରିବେ।

**କେଉଁମାନଙ୍କ ପାଇଁ:** ଏହି ଶିକ୍ଷଣ ପେଟିକା / ମଡ୍ୟୁଲଟି କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡ଼ର ନିର୍ଦ୍ଦେଶକମଣ୍ଡଳୀ ସମସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ। ବୋର୍ଡ଼ର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନଙ୍କର କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନର ପରିଚାଳନା ଅନ୍ତତଃ ପକ୍ଷେ ୧ ବର୍ଷର ଅନୁଭୂତି ରହିଥିବ।

**ଶିକ୍ଷଣ ଉଦ୍ଦେଶ୍ୟ:** କୃଷକ ଉତ୍ପାଦକ ସଂଗଠନର ପରିଚାଳନା ଶିକ୍ଷଣ ପେଟିକା / ମଡ୍ୟୁଲ୍‌ଟିର ନିମ୍ନରେ ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକ ଉଲ୍ଲେଖ କରାଗଲା।

- କୃଷକ ଉତ୍ପାଦକ ସଂଗଠନର କର୍ମଚାରୀମାନଙ୍କ ଆବଶ୍ୟକତାକୁ ଜାଣିବା ଏବଂ ସେମାନଙ୍କ ପାଇଁ ଯୋଜନା ପ୍ରସ୍ତୁତ କରିବା।
- କୃଷକ ଉତ୍ପାଦକ ସଂଗଠନ ପାଇଁ ସମ୍ଭାବ୍ୟ ସଂଯୋଗୀକରଣ ଏବଂ ସହଭାଗୀତାକୁ ଚିହ୍ନଟ କରିବା।
- କୃଷକ ଉତ୍ପାଦକ ସଂଗଠନଗୁଡିକ ପାଇଁ ତଦାରଖ, ବିବରଣୀର ଆବଶ୍ୟକତା ଏବଂ ଅଡିଟ୍ କିପରି ହୁଏ ସେ ବିଷୟରେ ଜାଣିବା
- ଏକ ଫଳପ୍ରଦ କୃଷକ ଉତ୍ପାଦକ ସଂଗଠନର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ଜାଣିବା।

## ଢାଞ୍ଚା ଏବଂ ବିଷୟବସ୍ତୁ

ଏହି ପେଟିକା ବା ମଡ୍ୟୁଲ୍‌ଟି କର୍ମଚାରୀ, ସେମାନଙ୍କର ଆବଶ୍ୟକତା ଏବଂ କାର୍ଯ୍ୟକାରୀତାରୁ ଆରମ୍ଭ ହୋଇଛି । ତାହାପରେ ଏହା କୃଷକ ଉତ୍ପାଦକ ସଂଗଠନ ପାଇଁ ଆବଶ୍ୟକୀୟ ବିଭିନ୍ନ ପ୍ରକାରର ସଂଯୋଗୀକରଣ, କୃଷକ ଉତ୍ପାଦକ ସଂଗଠନର ତଦାରଖ ଓ ଆବଶ୍ୟକତା ଥିବା ବିବରଣୀ ବିଷୟରେ ଆଲୋଚନା କରୁଛି । ଏହା ମଧ୍ୟ ଅଡିଟ୍ / ସମୀକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଉପରେ ଆଲୋଚନା କରୁଛି । ଶେଷରେ, ଏଥିରେ ଭଲ କାର୍ଯ୍ୟକରୁଥିବା କୃଷକ ଉତ୍ପାଦକ ସଂଗଠନର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକର ମଧ୍ୟ ଆଲୋଚନା ହୋଇଛି ।

## ଏହାକୁ କିପରି ବ୍ୟବହାର କରିବ

ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଏବଂ ସଦସ୍ୟମାନେ ଏହିସବୁ ପେଟିକା ବା ମଡ୍ୟୁଲକୁ ସେମାନେ ନିଜେ ବ୍ୟବହାର କରିପାରିବେ କିମ୍ବା ସେମାନେ ବାହାରର ସମ୍ବଳ ବ୍ୟକ୍ତି ବା ବିଶେଷଜ୍ଞଙ୍କର ସହାୟତା ନେଇପାରିବେ ଯାହାଦ୍ୱାରା କି ଏହି ଶିକ୍ଷଣ ପେଟିକା / ମଡ୍ୟୁଲ୍‌ରେ ଥିବା ଶିକ୍ଷଣ ପାଇଁ ସହଯୋଗ କରିପାରିବେ । ଏହି ପେଟିକା ବା ମଡ୍ୟୁଲ ସହିତ କେତେକ ପୋଷ୍ଟର ଦିଆହୋଇଛି ଯାହାକୁ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ଏବଂ ସଦସ୍ୟମାନେ ଉପଯୁକ୍ତ ସ୍ଥାନରେ ଶିକ୍ଷଣ ପାଇଁ ଲଗାଇପାରିବେ ।

# କଠିନଶବ୍ଦ (ଆକ୍ରୋନିମ୍ସ)

**ଆର୍ଟିକିଲସ୍ ଅଫ ଆସୋସିଏସନ୍ (Articles of Associations)** : ଏକ ସମବାୟ ସମିତି/ସମବାୟ ବାଇଲ ଯାହା, ଉତ୍ପାଦକ କମ୍ପାନୀ ପାଇଁ ଆର୍ଟିକିଲ୍ସ୍ ଅଫ୍ ଆସୋସିଏସନ୍ ତାହା। ଆର୍ଟିକିଲସ ଅଫ ଆସୋସିଏସନ ସ୍ୱତନ୍ତ୍ର ଭାବରେ କମ୍ପାନୀର କାର୍ଯ୍ୟକାରୀତା ପାଇଁ ନୀତିନିୟମ ଏବଂ କମ୍ପାନୀର ଉଦ୍ଦେଶ୍ୟ ଏବଂ ଏହି ଉଦ୍ଦେଶ୍ୟ ହାସଲ ପାଇଁ କ'ଣ ପଦ୍ଧତି ଓ ମାର୍ଗ ଅବଲମ୍ବନ କରିବାକୁ ପଡିବ ସେଥିରେ ଉଲ୍ଲେଖଥାଏ।

କମ୍ପାନୀର ବୋର୍ଡକୁ ଆର୍ଟିକିଲ୍ସ ଅଫ୍ ଆସୋସିଏସନ୍‌କୁ ପ୍ରସ୍ତୁତ କରିବାକୁ ପଡିବ ଏବଂ କମ୍ପାନୀମାନଙ୍କର ରେଜିଷ୍ଟ୍ରାର୍‌ଙ୍କଠାରୁ ତାହାର ସ୍ୱୀକୃତି ଲାଭ କରିବାକୁ ପଡିବ। ଏଥିରେ କିଛି ସଂଶୋଧନ କରିବାକୁ ହେଲେ ତାହାକୁ ସାଧାରଣ ପରିଷଦ ବୈଠକରେ କରିବାକୁ ପଡିବ ଏବଂ ପୁନର୍ବାର କମ୍ପାନୀମାନଙ୍କର ରେଜିଷ୍ଟ୍ରାରଙ୍କଠାରୁ ସ୍ୱୀକୃତି ଲାଭ କରିବାକୁ ପଡ଼ିବ।

**ବାର୍ଷିକ ସାଧାରଣ ପରିଷଦ ସଭା** : ବାର୍ଷିକ ସାଧରଣ ପରିଷଦ ସଭା କିମ୍ବା ସାଧାରଣ ପରିଷଦ ସଭା ହେଉଛି କୃଷକ ଉତ୍ପାଦକ ସଂଗଠନର ସାଧାରଣ ପରିଷଦର ବାର୍ଷିକ ସଭା। କୃଷକ ଉତ୍ପାଦକ ସଂଗଠନର କେତେକ ମୁଖ୍ୟ ପଲିସି ସ୍ତରୀୟ ନିଷ୍ପତ୍ତି ଯଥା ଆର୍ଥିକ ବିବରଣୀର ଅଡିଟ୍, ବାର୍ଷିକ ଯୋଜନା, ଆର୍ଥିକ ବିନିଯୋଗ ଏବଂ ଆର୍ଥିକ ଉତ୍‌ଥାନ, ଅଡିଟରଙ୍କର ନିୟୋଜନ, ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ନିର୍ବାଚନ ଇତ୍ୟାଦି ବାର୍ଷିକ ସାଧାରଣ ପରିଷଦ ସଭାରେ ନିଆଯାଇଥାଏ।

**ବ୍ୟାଙ୍କ୍ ପୁନଃନିର୍ମାଣ ବିବୃତ୍ତି** : ନଗଦ ପାସବୁକ୍ ଏବଂ ବ୍ୟାଙ୍କ୍ ଷ୍ଟେଟମେଣ୍ଟ୍ ଅନୁଯାୟୀ ବଳକା ଅର୍ଥକୁ ପୁନଃ ସମନ୍ୱୟ କରିବା ପାଇଁ ବ୍ୟାଙ୍କ୍ ପୁଣିଥରେ ଷ୍ଟେଟମେଣ୍ଟ୍ ତିଆରି କରିବା ହେଉଛି, ବ୍ୟାଙ୍କ୍ ପୁନଃନିର୍ମାଣ ବିବୃତ୍ତି ।

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ** : ବୋର୍ଡ ହେଉଛି କୃଷକ ଉତ୍ପାଦକ ସଂଗଠନର ପରିଚାଳନା ପରିଷଦ ଦ୍ୱାରା ନୀତି ସ୍ତରୀୟ ନିଷ୍ପତ୍ତି ଏବଂ ଏହା ସୁନିଶ୍ଚିତ କରାଏ ଯେ, କୃଷକ ଉତ୍ପାଦକ ସଂଗଠନ ଏହାର ସଦସ୍ୟମାନଙ୍କ ପାଇଁ କାମ କରେ। କୃଷକ ଉତ୍ପାଦକ ସଂଗଠନ ବୋର୍ଡ, ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ପ୍ରତିନିଧି ଯଥା; କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଗଠିତ ହୋଇଥାଏ।

**"ବାଇ-ଲ"** : "ଉପବିଧି" ହେଉଛି, ସମବାୟ ସମିତିକୁ ପରିଚାଳନା କରିବାର ବ୍ୟବସ୍ଥା। ପ୍ରତ୍ୟେକ ସମବାୟ ସମିତି ସେମାନଙ୍କର ନିଜର "ଉପବିଧି" ଅଛି ଏବଂ ସେମାନଙ୍କର ସବୁ କାର୍ଯ୍ୟ ସେହି "ଉପବିଧି" ଭିତରେ ହିଁ କାର୍ଯ୍ୟକାରୀ ହୋଇଥାଏ। ବୋର୍ଡ ଏହି "ଉପବିଧି"କୁ

ପ୍ରସ୍ତୁତ କରିଥାଏ ଏବଂ ତାହା ସମବାୟ ସମିତିର ନିବନ୍ଧକଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିବା ଉଚିତ୍ । ପରବର୍ତ୍ତୀ ସମୟରେ ଏହି "ଉପବିଧି"ରେ କିଛି ସଂଶୋଧନ କରାଗଲେ, ତାହା କେବଳ ସାଧାରଣ ପରିଷଦ ଦ୍ୱାରା ହିଁ ସଂଶୋଧିତ ହୋଇଥାଏ ଏବଂ ତାହା ସମବାୟସମୂହ ନିବନ୍ଧକଙ୍କ ଦ୍ୱାରା ହିଁ ସ୍ୱୀକୃତି ଲାଭ କରିବା ଆବଶ୍ୟକ ।

**ବୋର୍ଡର ସଭା** : କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଯେଉଁ ସଭା କରିଥାଆନ୍ତି ତାକୁ ବୋର୍ଡର ସଭା ବୋଲି କୁହାଯାଇଥାଏ । କୃଷକ ଉତ୍ପାଦକ ସଂଗଠନର ଉପବିଧି/ ସଂଗଠନର ଆର୍ଟିକିଲ୍ସ ଅଫ୍ ଆସୋସିଏସନ ସ୍ୱତନ୍ତ୍ର ଭାବେ ଏହି ସଭା କେତେଥର କରାଯିବ, ସେ ବିଷୟରେ ନିର୍ଦ୍ଦିଷ୍ଟ କରିବ । ଯାହା ହେଉନା କାହିଁକି, ବୋର୍ଡ ମାସକୁ ଥରେ ସଭା କରିବା ଉଚିତ, ଯାହା ଏକ ଉତ୍ତମ ବ୍ୟବସ୍ଥା ଅଟେ ।

**ବୋନସ୍** : କୃଷକ ଉତ୍ପାଦକ ସଙ୍ଗଠନ ତାର ଅଧିକ ଆୟକୁ ସଭ୍ୟମାନଙ୍କ ମଧ୍ୟରେ ବାଣ୍ଟିଥାଏ ।

**କୋଅପରେଟିଭ ସୋସାଇଟି** : ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି (ଯଥା; ଓଡ଼ିଶାରେ ଥିବା କୋଅପରେଟିଭ ସୋସାଇଟି ଆକ୍ଟ, ୧୯୬୨) ଅନୁବନ୍ଧିତ ହୋଇଛି, ତାହା ଏକ ସମବାୟ ସମିତି ବୋଲି ଆମ୍ଭେ କହିବା ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ/ ପରିଚାଳକ/ସାଧରଣ ପରିଚାଳକ** : ପ୍ରତ୍ୟେକ କୃଷକ ଉତ୍ପାଦକ ସଂଗଠନ ଜଣେ ପୂର୍ଣ୍ଣ ସମୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (CEO) କିମ୍ବା ଯେ କୌଣସି ପଦବୀରେ ଯେପରିକି ପରିଚାଳକ (Manager), ସାଧାରଣ ପରିଚାଳକ (General Manager) ଇତ୍ୟାଦି ବୋଲି କହିପାରିବା, ସେଭଳି ଜଣେ ଆବଶ୍ୟକ କରିବେ । ବୋର୍ଡର ନିୟନ୍ତ୍ରଣରେ, ନିର୍ଦ୍ଦେଶରେ, ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟକ୍ରମକୁ ପରିଚାଳନା କରିବେ ଏବଂ କୃଷକ ଉତ୍ପାଦକ ସଂଠଗନ କାର୍ଯ୍ୟକାରୀତା ପାଇଁ ଉତ୍ତରଦାୟୀ ରହିବେ ।

**କୃଷକ ଉତ୍ପାଦକ ସଂଗଠନ** : ଏକ କୃଷକ ଉତ୍ପାଦକ ସଂଗଠନ (FPO) ହେଉଛି ପଞ୍ଜିକୃତ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଯାହା କୃଷକ ସଦସ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଓ ସେମାନେ ଏହାର ସତ୍ତ୍ୱାଧିକାରୀ ଅଟନ୍ତି । ଚାଷୀ ଉତ୍ପାଦକ ସଂଗଠନର ମୂଳ ଉଦ୍ଦେଶ୍ୟ ହେଲା ଏହାର ସଦସ୍ୟମାନଙ୍କୁ ଆବଶ୍ୟକ କରୁଥିବା ସେବା ଯୋଗାଇ ସଦସ୍ୟମାନଙ୍କର ସାଧାରଣ ଆବଶ୍ୟକତାକୁ ପୂରଣ କରୁଥିବ । କୃଷି ଏବଂ ଆନୁସାଙ୍ଗିକ ବିଷୟଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଗଠନଗୁଡିକ ସଂଶ୍ଳିଷ୍ଟ ରୁହନ୍ତି । କୃଷକ ଉତ୍ପାଦକ ସଂଗଠନଗୁଡିକ ଆନୁଷ୍ଠାନିକ ସଂଗଠନ ହୋଇଥିବାରୁ, ସେମାନେ ସେମାନଙ୍କର ଅଫିସ୍/ ଅନ୍ୟାନ୍ୟ ଭିତ୍ତିଭୂମି, କର୍ମଚାରୀ, ବ୍ୟବସ୍ଥା ଥାଇ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି ।

| | | |
|---|---|---|
| **ଆର୍ଥିକ ବର୍ଷ** | : | ଏପ୍ରିଲ୍ ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ବ୍ୟବଧାନକୁ ଆର୍ଥିକ ବର୍ଷ ବୋଲି ଧରାଯାଏ । |
| **ସାଧାରଣ ପରିଷଦ** | : | କୃଷକ ଉତ୍ପାଦକ ସଙ୍ଗଠନର ସମସ୍ତ ସଭ୍ୟ କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ପରିଷଦର ସଭ୍ୟ ଅଟନ୍ତି । ସାଧାରଣ ପରିଷଦ କୃଷକ ଉତ୍ପାଦକ ସଙ୍ଗଠନର ସର୍ବୋଚ୍ଚ କର୍ତ୍ତୃପକ୍ଷ ଅଟେ । |
| **ସାଧାରଣ ପରିଷଦ ବୈଠକ** | : | ଏହା କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ପରିଷଦର ବୈଠକ । |
| **ସୁଶାସନ** | : | ଶାସନ ବ୍ୟବସ୍ଥାରେ ଆବଶ୍ୟକୀୟ ନୀତି ଏବଂ ଆଦର୍ଶ ପ୍ରତିଷ୍ଠା ଏବଂ ସଙ୍ଗଠନରେ ବ୍ୟବସ୍ଥା, କର୍ମଚାରୀ ଇତ୍ୟାଦିର ବ୍ୟବସ୍ଥା ଦ୍ୱାରା ସେମାନଙ୍କର ସଠିକ୍ କାର୍ଯ୍ୟକାରୀତାକୁ ବୁଝାଏ । ଶାସନ ମଧ୍ୟ ଆଇନର ନିୟମ ପାଳନ କରିବା ଏବଂ ସମ୍ପୃକ୍ତ ହିତାଧିକାରୀଙ୍କ ନିକଟରେ ଉତ୍ତରଦାୟିତ୍ୱ କରାଏ । |
| **ଦ୍ରବ୍ୟ ଓ ସେବା ଟିକସ (GST)** | : | ଦ୍ରବ୍ୟ ଓ ସେବା ଟିକସ (Goods and Services Tax) (GST) ଦ୍ରବ୍ୟ ଏବଂ ସେବା ଉପରେ ଏକ ବ୍ୟାପକ ଟିକସ ବ୍ୟବସ୍ଥା ଅଟେ ଯାହା ଭାରତରେ ଟିକସ କ୍ଷେତ୍ରରେ ସମାନତା / ସମତ୍ୱ ଆଣିଛି । |
| **ସ୍ୱାଧୀନ /ପ୍ରତିଭାସମ୍ପନ୍ନ ନିର୍ଦ୍ଦେଶକ** | : | ଉତ୍ପାଦକ କମ୍ପାନୀ ବୋର୍ଡରେ ସ୍ୱାଧୀନ/ପ୍ରତିଭାସମ୍ପନ୍ନ ନିର୍ଦ୍ଦେଶକ ଥିବା ନିର୍ଦ୍ଦେଶକଙ୍କ ପାଇଁ କମ୍ପାନୀ ଅଧିନିୟମ ୨୦୧୩ ପ୍ରଦାନ କରାଯାଇଛି । ଅଧିନିୟମ ଅନୁଯାୟୀ, ବୋର୍ଡ ସମୁଦାୟ ନିର୍ଦ୍ଦେଶକଙ୍କ ସଂଖ୍ୟାର ଏକ ପଞ୍ଚମାଂଶରୁ ଅଧିକ ନଥିବା ବିଶେଷଜ୍ଞ ନିର୍ଦ୍ଦେଶକମାନଙ୍କୁ ସହ-ଚୟନ କରିପାରନ୍ତି । |
| **ପାଟ୍ରୋନେଜ୍** | : | କୃଷକ ଉତ୍ପାଦକ ସଙ୍ଗଠନ ଏହାର ସଦସ୍ୟମାନଙ୍କୁ ଏହାର ବ୍ୟବସାୟ ପୃଷ୍ଟପୋଷକତା କାର୍ଯ୍ୟକଳାପରେ ଅଂଶଗ୍ରହଣ କରି ପ୍ରଦାନ କରାଯାଇଥିବା ସେବା ଗୁଡିକର ବ୍ୟବହାର । |
| **ପାଟ୍ରୋନେଜ୍ ବୋନସ୍** | : | ପୃଷ୍ଟପୋଷକତା ବୋନସ୍ ଅର୍ଥ ହେଉଛି କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ଏହାର ଅତିରିକ୍ତ ଆୟରୁ ସଦସ୍ୟମାନଙ୍କୁ ନିଜ ନିଜ ପୃଷ୍ଟପୋଷକତା ପ୍ରଦାନ କରାଯାଇଥିବା ଦେୟ ହେଉଛି ପୃଷ୍ଟପୋଷକତା ବୋନସ୍ । |
| **ପିଜିଏସ୍ (PGS)** | : | ପାର୍ଟିସିପେଟୋରୀ ଗ୍ୟାରେଣ୍ଟି ସିଷ୍ଟମ (Participating Guarantee System (PGS)) ହେଉଛି ତୃତୀୟ ପକ୍ଷ ପ୍ରମାଣପତ୍ର ଯାହା କ୍ଷମତାସମ୍ପନ୍ନ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ (କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର) ଦ୍ୱାରା ଦିଆଯାଇଥାଏ । ପାର୍ଟିସିପେଟାରୀ ଗ୍ୟାରେଣ୍ଟି ସିଷ୍ଟମ (PGS-India) ଗୁଣାତ୍ମକମାନର ସୁନିଶ୍ଚିତ ବ୍ୟବସ୍ଥା ଯାହା ସ୍ଥାନ ବିଶେଷରେ ଉପଯୋଗୀ ହୋଇଥାଏ ଏବଂ ସମସ୍ତ ସଂଶ୍ଲିଷ୍ଟ ବ୍ୟକ୍ତିଙ୍କର ଅଂଶଗ୍ରହଣକୁ ଗୁରୁତ୍ୱ ଦେଇଥାଏ । |

| | | |
|---|---|---|
| **ପ୍ରତିନିଧି ସାଧାରଣ ପରଷଦ** | : | କୃଷକ ଉତ୍ପାଦକ ସଙ୍ଗଠନର ଜେନେରାଲ ବଡି ସେମାନଙ୍କ ପ୍ରତିନିଧି ବାରମ୍ବାର ଏକ ଶୀଘ୍ର ବୈଠକ ଏବଂ ଅଲୋଚନା ପାଇଁ ସେମାନଙ୍କ ପ୍ରତିନିଧି ଭାବରେ ମନୋନୀତ କରିପାରିବ |
| **ରିଟର୍ଣ୍ଣ ଦାଖଲ କରିବା (Returns Filing)** | : | ଯେଉଁ ଆଇନ୍ ଅନୁସାରେ କୃଷକ ଉତ୍ପାଦକ ସଂଗଠନ ପଞ୍ଜିକୃତ ହୋଇଛି, ସେହି ଆଇନ୍ ନିର୍ଦ୍ଦିଷ୍ଟ କରିଛି ଯେ, ବାର୍ଷିକ ସାଧାରଣ ପରିଷଦ ସଭାର ବିବରଣୀ ସହିତ ନିର୍ଦ୍ଦେଶକଙ୍କ ବିବରଣୀ, ଅଡିଟ୍ ହୋଇଥିବା ବାଲାନ୍ସ ସିଟ୍ ଏବଂ ଲାଭ ଓ କ୍ଷତି ହିସାବ ନିବନ୍ଧକ ପାଖରେ ଦିଆଯିବ । |
| **ସଂରକ୍ଷଣ** | : | ଲାଭ ଏବଂ ଅନ୍ୟାନ୍ୟ ସୂତ୍ରରୁ ପୃଥକ ହୋଇଥିବା ଅର୍ଥ ଯାହା କୌଣସି ଦାୟିତ୍ୱ, କଣ୍ଟିଜେନସି କିମ୍ବା ବ୍ୟବସାୟର କୌଣସି ପ୍ରତିବଦ୍ଧତା ପୂରଣ ପାଇଁ ନୁହେଁ । ସଂରକ୍ଷଣଗୁଡିକ ଉଦ୍ୟୋଗର ଆର୍ଥିକ ସ୍ଥିତିକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ, ଯେହେତୁ ଏହା ଭବିଷ୍ୟତରେ ଉତ୍ପନ୍ନ ହୋଇପାରେ କୌଣସି ଅପ୍ରତ୍ୟାଶିତ କ୍ଷତି ପୂରଣ ପାଇଁ ବ୍ୟବହାର କରାଯାଇପାରିବ । |
| **ବଳକା (Surplus)** | : | ଆଦାୟ ରାଜସ୍ୱରୁ ଆନୁଷ୍ଠାନିକ ଖର୍ଚ୍ଚପରେ ରହୁଥିବା ରାଶିକୁ ବଳାକା ଅର୍ଥ କୁହାଯାଏ । ଆନୁଷ୍ଠାନିକ ଖର୍ଚ୍ଚ ମଧ୍ୟରେ ଟିକସ ଓ ଲାଭାଂଶ ଅନ୍ତର୍ଭୁକ୍ତ ଅଟେ । |
| **ଉପଯୋଗୀକରଣ ସାର୍ଟିଫିକେଟ୍ (Utilisation certificate)** | : | ଏହା ହେଉଛି ଏକ ପ୍ରମାଣପତ୍ର ଯାହାକି କୃଷକ ଉତ୍ପାଦକ ସଙ୍ଗଠନକୁ ଉପଯୋଗୀକରଣ ସାର୍ଟିଫିକେଟ୍ ଦେବା ପାଇଁ ଏକ ସଂସ୍ଥା ଦ୍ୱାରା ଦିଆଯାଇଥିବା ପାଣ୍ଠିର ଉପଯୋଗକୁ ନିଶ୍ଚିତ କରିଥାଏ । |

# କାର୍ଯ୍ୟକ୍ରମର ପ୍ରାରମ୍ଭିକ ମୂଲ୍ୟାୟନ

ପୂର୍ବ ବିଭାଗରେ "ଶିକ୍ଷଣ ପେଟିକା / ମଡ୍ୟୁଲ ବିଷୟରେ" ଯେପରି ଦିଆଯାଇଛି ସେହିପରି ଏହି ପେଟିକା / ମଡ୍ୟୁଲରେ "କୃଷକ ଉତ୍ପାଦକ ସଂଗଠନ ସବୁର ପରିଚାଳନା" ବିଷୟବସ୍ତୁ ଉପରେ ଆଲୋଚିତ ହୋଇଛି ।

ନିମ୍ନରେ ଆପଣଙ୍କ ପାଇଁ ଏହି ବିଷୟରେ କେତେକ ମୌଳିକ ପ୍ରଶ୍ନ ସବୁ ଦିଆଗଲା । ଆସନ୍ତୁ ଆମ୍ଭେ ନିଜେ ନିଜେ ଏହି ସବୁ ପ୍ରଶ୍ନର ଉତ୍ତର ଦେବା । ଏହି ବେସ୍‌ଲାଇନ୍ / ମୂଳରେଖା ପ୍ରଶ୍ନର ଉଦ୍ଦେଶ୍ୟ ହେଲା ଆମ୍ଭର ଏହି ପ୍ରଶ୍ନ ଉପରେ ବର୍ତ୍ତମାନର ବୁଝାମଣା କ'ଣ ଅଛି ଏବଂ "କୃଷକ ଉତ୍ପାଦକ ସଂଗଠନ ସବୁର ପରିଚାଳନା" ବିଷୟରେ ଅଧିକ ଶିଖିବା ।

୧ . କୃଷକ ଉତ୍ପାଦକ ସଂଗଠନରେ କର୍ମଚାରୀମାନଙ୍କ ଆବଶ୍ୟକତା କ'ଣ ଅଛି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୨ . କୃଷକ ଉତ୍ପାଦକ ସଂଗଠନ ପାଇଁ କାହିଁକି ଅଡିଟ୍‌ର ଗୁରୁତ୍ୱ ରହିଛି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୩. ଉତ୍ତମ କୃଷକ ଉତ୍ପାଦକ ସଂଗଠନର ଆପଣଙ୍କ ବିଚାରରେ କ'ଣ କ'ଣ ମୁଖ୍ୟ ବୈଶିଷ୍ଟ୍ୟ ଅଟେ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୪ . କୃଷକ ଉତ୍ପାଦକ ସଂଗଠନ ପାଇଁ କେଉଁ ପ୍ରକାରର ସଂଯୋଗୀକରଣର ଆବଶ୍ୟକତା ଅଛି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୧

# କୃଷକ ଉତ୍ପାଦକ ସଂଗଠନର କର୍ମଚାରୀ

## ଅଧିବେଶନ ଉଦ୍ଦେଶ୍ୟ



**କୃଷକ ଉତ୍ପାଦକ ସଂଗଠନ ପାଇଁ କର୍ମଚାରୀମାନଙ୍କ ଆବଶ୍ୟକତା ଓ ସେମାନଙ୍କ ପାଇଁ ଯୋଜନା ବିଷୟରେ ଜାଣିବା ।**

**ବିଷୟବସ୍ତୁ**

୧. କୃଷକ ଉତ୍ପାଦକ ସଂଗଠନ ଗୁଡିକ ପାଇଁ କର୍ମଚାରୀମାନଙ୍କ ଆବଶ୍ୟକତା

୨. କର୍ମଚାରୀମାନଙ୍କ ଭୂମିକା

୩. ବିଭିନ୍ନ ପ୍ରକାରର କର୍ମଚାରୀ

**କୃଷକ ଉତ୍ପାଦକ ସଂଗଠନଗୁଡିକପାଇଁ କର୍ମଚାରୀମାନଙ୍କ ଆବଶ୍ୟକତା:**

ଆବଶ୍ୟକ ନିର୍ଦ୍ଦେଶ, ନୀତି, ନିୟମ ଏବଂ ଶାସନ ବ୍ୟବସ୍ଥା ପ୍ରସ୍ତୁତ କରି ବୋର୍ଡର ଆବଶ୍ୟକ ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟ ହିସାବରେ ଆମ୍ଭେ କୃଷକ ଉତ୍ପାଦକ ସଂଗଠନକୁ ମୋଟାମୋଟି ଭାବରେ ଦେଖାଶୁଣା କରୁ କିନ୍ତୁ ଆମ୍ଭେ କୃଷକ ଉତ୍ପାଦକ ସଂଗଠନର ଦୈନନ୍ଦିନ ପ୍ରଶାସନିକ ବ୍ୟବସ୍ଥାକୁ ଦେଖି ନ ପାରୁ । ବୋର୍ଡ ଦ୍ୱାରା ନିର୍ଦ୍ଦେଶାବଳୀର ପ୍ରୟୋଗ କରିବାକୁ ହେଲେ କର୍ମଚାରୀମାନଙ୍କର ଆବଶ୍ୟକତା ଅଛି । କୃଷକ ଉତ୍ପାଦକ ସଂଗଠନର ଫଳପ୍ରଦ କାର୍ଯ୍ୟକାରୀତା ବା କ୍ରିୟାନ୍ୱୟନ ପାଇଁ ଉପଯୁକ୍ତ କର୍ମଚାରୀ ପାଇବା ମୁଖ୍ୟ ଅଟେ । ପୂର୍ବ ପେଟିକା ବା ମଡ୍ୟୁଲ ସବୁରେ ଆମ୍ଭେମାନେ କୃଷକ ଉତ୍ପାଦକ ସଂଗଠନର ସଦସ୍ୟ ଓ ବୋର୍ଡର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀତା / କ୍ରିୟାନ୍ୱୟନ ଉପରେ ଆଲୋଚନା କରିଛୁ । ଏହି ପେଟିକା / ମଡ୍ୟୁଲରେ, ଆମ୍ଭେ କୃଷକ ଉତ୍ପାଦକ ସଂଗଠନର ଅନ୍ୟ ଗୁରୁତ୍ୱପୂର୍ଣ୍ଣ କର୍ମଚାରୀ ବା କର୍ମକର୍ତ୍ତା ଯଥା କର୍ମଚାରୀଙ୍କ ଉପରେ ଆଲୋଚନା କରୁଛୁ ।

କର୍ମଚାରୀଙ୍କର ନିମ୍ନରେ ପ୍ରଦତ୍ତ ଥିବା କାର୍ଯ୍ୟପାଇଁ ଆବଶ୍ୟକତା ଅଛି ।

- ଦୈନନ୍ଦିନ ପରିଚାଳନା ପାଇଁ ଆବଶ୍ୟକତା ଅଛି ।
- ସଦସ୍ୟମାନଙ୍କୁ ବିଭିନ୍ନ ପ୍ରକାରର ସେବା ଯୋଗାଇବା ପାଇଁ – ସମ୍ବଳର ଯୋଗାଣ, କ୍ରୟ କରିବା, ଉତ୍ପାଦନ ସେବା ଇତ୍ୟାଦି

- କୃଷକ ଉତ୍ପାଦକ ସଂଗଠନରେ ବିଭିନ୍ନ ବ୍ୟବସ୍ଥାର ପ୍ରତିଷ୍ଠା ଏବଂ ଏହାର ପ୍ରୟୋଗ – ହିସାବ କିତାବ, ନଥିପତ୍ର ପ୍ରସ୍ତୁତି, ଖାତାପତ୍ର ରଖିବା, ତଦାରଖ ଏବଂ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀକୁ ସୂଚନା ଦେବା ଇତ୍ୟାଦି ।
- କୃଷକ ଉତ୍ପାଦକ ସଂଗଠନରେ ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ।
- ଏହାର ସ୍ୱପ୍ନ ବା ଲକ୍ଷ୍ୟକୁ ହାସଲ କରିବା ପାଇଁ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବା
- ସମ୍ବଳର ଉପଯୁକ୍ତ, ସର୍ବୋଚ୍ଚ ପରିମାଣ ବିନିଯୋଗ
- କୃଷକ ଉତ୍ପାଦକ ସଂଗଠନର ନୀତି ନିୟମକୁ ପ୍ରୟୋଗ କରିବା

## କର୍ମଚାରୀମାନଙ୍କ ଭୂମିକା

ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ କୃଷକ ଉତ୍ପାଦକ ସଂଗଠନର କର୍ମଚାରୀମାନେ ଏହାର ସଦସ୍ୟମାନଙ୍କୁ ଆବଶ୍ୟକ ସେବା ଯୋଗାଇବା ପାଇଁ କାମ କରନ୍ତି । କର୍ମଚାରୀମାନେ କୃଷକ ଉତ୍ପାଦକ ସଂଗଠନର ବୋର୍ଡକୁ ବିବରଣୀ ପ୍ରଦାନ କରିଥାଆନ୍ତି । ବିଭିନ୍ନ ସେବାକୁ ଦକ୍ଷତାର ସହ ଯୋଗାଇବାକୁ କର୍ମଚାରୀମାନେ ମଧ୍ୟ ଅନୁଷ୍ଠାନର ବିଭିନ୍ନ ବ୍ୟବସ୍ଥା ସବୁକୁ ପରିଚାଳନା କରିଥାଆନ୍ତି । ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଯେଉଁମାନେ ଭଲ କାର୍ଯ୍ୟ କରିଥାଆନ୍ତି, ବୋର୍ଡ ସେମାନଙ୍କୁ ପ୍ରୋତ୍ସାହିତ କରିଥାଆନ୍ତି ଏବଂ ଯେଉଁ କର୍ମଚାରୀମାନେ ସାମାନ୍ୟ / ଦୁର୍ବଳ ଭାବରେ କାମ କରିଥାଆନ୍ତି ସେମାନଙ୍କୁ ସମୟକୁ ସମୟ ପ୍ରୋତ୍ସାହିତ କରିନଥାଆନ୍ତି । ଉଦାହରଣ ସ୍ୱରୂପ, ବୋର୍ଡ କର୍ମଚାରୀଙ୍କ ଦରମାର କିଛି ଅଂଶ (କୁହାଯାଇପାରେ ୨୦%) ପରିବର୍ତ୍ତନଶୀଳ ଦରମା ହିସାବରେ ରଖିପାରେ, ଯାହା କିଛି ଦିନ ପରେ (ଅର୍ଥାତ୍ ୩ ମାସ କିମ୍ବା ୬ ମାସ ଇତ୍ୟାଦି ପରେ) ସେମାନଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା ବା ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାର କ୍ଷମତା ଅନୁସାରେ ଦିଆଯାଇପାରେ ।

## ବିଭିନ୍ନ ପ୍ରକାରର କର୍ମଚାରୀ




ବିଭିନ୍ନ ପ୍ରକାରର କର୍ମଚାରୀ ଓ ସେମାନଙ୍କର ସଂଖ୍ୟା ମୁଖ୍ୟତଃ ବ୍ୟବସାୟ ଉପରେ ନିର୍ଭର କରେ। ଏହା ମଧ୍ୟ କୃଷକ ଉତ୍ପାଦକ ସଂଗଠନର ବୋର୍ଡର ନିଷ୍ପତ୍ତି ଅନୁଯାୟୀ ବ୍ୟବସାୟର ପର୍ଯ୍ୟାୟ ଓ ସ୍ତର ଅନୁସାରେ ନିର୍ଭର କରେ / ଉଦାହରଣ ସ୍ୱରୂପ, ଯଦି ଏକ କୃଷକ ଉତ୍ପାଦକ ସଂଗଠନ, ରକ୍ଷଣ, ମାଲଗୋଦାମ ଇତ୍ୟାଦି ସହିତ ସଂଶ୍ଳିଷ୍ଟ ଥାଏ ତେବେ ଏହା କିଣାବିକା କରୁଥିବା ଓ ସାଧନ ସହିତ ଜଡିତ କୃଷକ ଉତ୍ପାଦକ ସଂଗଠନଠାରୁ ଅଧିକ କର୍ମଚାରୀ ଆବଶ୍ୟକ କରିବ।

ସାଧାରଣତଃ, କୃଷକ ଉତ୍ପାଦକ ସଂଗଠନଗୁଡିକ ମୁଖ୍ୟ କାର୍ଯ୍ୟନିର୍ବାହୀ, ସାଧାରଣ ପରିଚାଳନା କିମ୍ବା ଆକାଉଣ୍ଟାଣ୍ଟ ଭଳି କର୍ମଚାରୀ ଆବଶ୍ୟକ କରନ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର / ସାଧାରଣ ପରିଚାଳକ ବୋର୍ଡଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର କାର୍ଯ୍ୟ ବ୍ୟତୀତ କୃଷକ ଉତ୍ପାଦକ ସଂଗଠନର ସର୍ବୋପରି ପରିଚାଳନା ଦାୟିତ୍ୱ ନେଇଥାଆନ୍ତି। ଆକାଉଣ୍ଟାଣ୍ଟ ମୁଖ୍ୟତଃ ହିସାବକିତାବ ପରିଚାଳନା କରିବା, ନଥିପତ୍ର ଲେଖିବା, ହିସାବକିତାବ କରିବା ଏବଂ ସେ ମଧ୍ୟ ସାଧାରଣ ପ୍ରଶାସନ, ରହିବା ଖାଇବା ବ୍ୟବସ୍ଥା, ବିବରଣୀ ଲେଖିବା ଇତ୍ୟାଦି କରିପାରନ୍ତି। ସାଧାରଣତଃ ସେ ତଥ୍ୟ / ସୂଚନା ପରିଚାଳନା ସହିତ ବିଧିବଦ୍ଧ ନିୟମ ପାଳନ କରିବାପାଇଁ ଦାୟିତ୍ୱ ନେଇଥାଆନ୍ତି।

### ସ୍ୱତନ୍ତ୍ର ବିଶେଷଜ୍ଞ କର୍ମଚାରୀ

ସାଧାରଣ କର୍ମଚାରୀଙ୍କ ବ୍ୟତୀତ, କୃଷକ ଉତ୍ପାଦକ ସଂଗଠନ, ସେମାନଙ୍କର ବ୍ୟବସାୟିକ କାର୍ଯ୍ୟକୁ ଦେଖି ସ୍ୱତନ୍ତ୍ର ବିଶେଷଜ୍ଞ କର୍ମଚାରୀ ଆବଶ୍ୟକ କରିଥାଆନ୍ତି। ଉଦାହରଣ ସ୍ୱରୂପ, ବିହନ ଉତ୍ପାଦନ ପରିଚାଳକ, ବିହନ ଉତ୍ପାଦନ ପାଇଁ ଆବଶ୍ୟକ କରନ୍ତି। ସେହିପରି ମାଲଗୋଦାମ ପରିଚାଳକ ମାଲଗୋଦାମ ପାଇଁ ଆବଶ୍ୟକ କରନ୍ତି ଇତ୍ୟାଦି। ସେମାନେ ବିଶେଷଜ୍ଞ ହିସାବରେ ସ୍ୱତନ୍ତ୍ର ବ୍ୟବସାୟ କାର୍ଯ୍ୟପାଇଁ ରହିଥାଆନ୍ତି ଯଥା; ବିହନ ଉତ୍ପାଦନ ପ୍ରଯୁକ୍ତି ବିଦ୍ୟା, ମାଲଗୋଦାମ ପରିଚାଳନା ଇତ୍ୟାଦି। ଏକ କୃଷକ ଉତ୍ପାଦକ ସଂଗଠନର କର୍ମଚାରୀଙ୍କ ଢାଞ୍ଚାର ଉଦାହରଣ ନିମ୍ନରେ ଦିଆଗଲା।






ଏହି ଢାଞ୍ଚା ସୂଚିତ କରୁଛି କି, ଏଠାରେ ଦୁଇଟି ବ୍ୟବସାୟ ବିଭାଗ ଅଛି । କୃଷକ ଉତ୍ପାଦକ ସଂଗଠନର ବିପଣନ କେନ୍ଦ୍ର ଏବଂ କୃଷକ ସେବା କେନ୍ଦ୍ର । ପ୍ରତ୍ୟେକ ବ୍ୟବସାୟ କେନ୍ଦ୍ରର ସ୍ୱତନ୍ତ୍ର କର୍ମଚାରୀ ଅଛନ୍ତି । ହିସାବରକ୍ଷକ ହେଉଛନ୍ତି ସବୁ କେନ୍ଦ୍ର ପାଇଁ ସାଧାରଣ ଆବଶ୍ୟକୀୟ ବ୍ୟକ୍ତି । ହିସାବରକ୍ଷକ, ବିପଣନ ପରିଚାଳକ ଏବଂ ସଦସ୍ୟମାନଙ୍କ ସହିତ ସଂପର୍କ ରକ୍ଷାକରିବା ପରିଚାଳକ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ଉତ୍ତରଦାୟୀ ଏବଂ ପରବର୍ତ୍ତୀ ସ୍ତରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବୋର୍ଡ ପାଖରେ ଉତ୍ତରଦାୟୀ । ନୂଆ ପଦବୀ ସୃଷ୍ଟି କରିବା, ନୂଆ ସ୍ତର ସୃଷ୍ଟି କରିବା ଏବଂ ପୁରୁଣା ପଦବୀକୁ ଉଚ୍ଛେଦ କରିବା କିମ୍ବା ସେମାନଙ୍କୁ ନୂଆ ନାମ ଦେବା ପାଇଁ ବୋର୍ଡ ଅଧିକୃତ ହେବା ଉଚିତ ।

## ଅଭ୍ୟାସ:

- କେତେ ସଂଖ୍ୟାରେ କର୍ମଚାରୀ ଆବଶ୍ୟକ ଏବଂ କେଉଁ କାର୍ଯ୍ୟ ପାଇଁ।
- କର୍ମଚାରୀମାନଙ୍କ ପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା, ଅନୁଭୂତି, କୌଶଳସମୂହ।
- ନିଯୁକ୍ତି ପ୍ରକ୍ରିୟା – କିପରି ଗୁଣାତ୍ମକ କର୍ମଚାରୀ ପାଇବା
- କର୍ମଚାରୀମାନଙ୍କର କାର୍ଯ୍ୟ ତାଲିକା ଏବଂ ସେମାନେ କାହା ପାଖରେ ଉତ୍ତରଦାୟୀ।
- କର୍ମଚାରୀମାନଙ୍କର କାର୍ଯ୍ୟ ସଂପାଦନ କରିବାର ଆକଳନର ଆଧାର।
- ଭୂମିକା ଏବଂ ଦାୟିତ୍ୱଗୁଡିକ।











# ୨

# ସଂଯୋଗୀକରଣ ଏବଂ ସହଭାଗୀତା

## ଅଧିବେଶନ ଉଦ୍ଦେଶ୍ୟ



କୃଷକ ଉତ୍ପାଦକ ସଂଗଠନ ସବୁ ପାଇଁ ସମ୍ଭାବ୍ୟ ସଂଯୋଗୀକରଣ ଏବଂ ସହଭାଗୀତାକୁ ଚିହ୍ନଟ କରିବା ।

**ବିଷୟବସ୍ତୁ**

୧. କୃଷକ ଉତ୍ପାଦନ ସଂଗଠନଗୁଡିକ ପାଇଁ ସଂଯୋଗୀକରଣ/ସହଭାଗୀତାର ଗୁରୁତ୍ୱ

୨. କୃଷକ ଉତ୍ପାଦନ ସଂଗଠନଗୁଡିକ ପାଇଁ ବିଭିନ୍ନ ଆବଶ୍ୟକୀୟ ସଂଯୋଗୀକରଣ

### ସଂଯୋଗୀକରଣ ଏବଂ ସହଭାଗୀତା



କୃଷକ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ, ସେମାନଙ୍କ ପାଇଁ ଆବଶ୍ୟକୀୟ ସଂଯୋଗୀକରଣ / ସହଭାଗୀତା ଗୁରୁତ୍ୱପୂର୍ଣ୍ଣ । ତେବେ କେଉଁ ସଂଯୋଗକରଣ / କେଉଁ ସହଭାଗୀତାରେ ଚୁକ୍ତି କରିବେ ତାହା ବୋର୍ଡର ନିଷ୍ପତ୍ତି ନେବାର ଭୂମିକା ଅଟେ, କିନ୍ତୁ ଏହି ସଂଯୋଗୀକରଣକୁ କ୍ରିୟାନ୍ୱୟନ / କାର୍ଯ୍ୟକାରୀ କରିବା କର୍ମଚାରୀମାନଙ୍କର କାମ ଅଟେ ।


ସଂଯୋଗୀକରଣ ହେଉଛି ଦୁଇଟି ଅନୁଷ୍ଠାନ ମଧ୍ୟରେ ସମ୍ବନ୍ଧ / ସମ୍ପର୍କ । ତାହା ଆନୁଷ୍ଠାନିକ କିମ୍ବା ଅଣ-ଆନୁଷ୍ଠାନିକ ହୋଇପାରେ, ଯାହା ପରସ୍ପର ପାଇଁ ଉପଯୋଗୀ ହୁଏ । ଉଦାହରଣ ସ୍ୱରୂପ; କୃଷକ ଉତ୍ପାଦକ ସଂଗଠନ ଓ କୃଷି ଗବେଷଣା କେନ୍ଦ୍ର ମଧ୍ୟରେ ସଂଯୋଗୀକରଣ । କୃଷି ଗବେଷଣା କେନ୍ଦ୍ର ଆଧୁନିକ ବିହନ ଓ ଜ୍ଞାନକୌଶଳ ଦିଏ ଏବଂ କୃଷକ ଉତ୍ପାଦକ ସଂଗଠନ ଏହାର ଉତ୍ପାଦନ ବୃଦ୍ଧି କରିଥାଏ । ଏହା ବଦଳରେ କୃଷି ଗବେଷଣା କେନ୍ଦ୍ର ଏହାର ଗବେଷଣାକୁ ମୂଲ୍ୟାୟନ କରେ ଏବଂ କୃଷି ସଂପ୍ରସାରଣ ଲକ୍ଷ୍ୟ ପୂରଣ କରିଥାଏ ।

ଯଦି ଏହା ଆନୁଷ୍ଠାନିକ ସହଭାଗୀତା / ସହଭାଗୀତା, ତେବେ କୃଷକ ଉତ୍ପାଦକ ସଂଗଠନ ସମସ୍ତ ନିୟମ ମୁତାବକ ଏକ ବୁଝାମଣା ଚୁକ୍ତିରେ ଅନ୍ୟ ଅଂଶୀଦାରଙ୍କ ସହିତ ସ୍ୱାକ୍ଷର କରିବା ଆବଶ୍ୟକ ।

ଏପରି ସହଭାଗୀତାରେ, କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନ ଓ ସ୍ୱାଧୀନତାକୁ ସୁନିଶ୍ଚିତ କରାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ ।

**ଅଭ୍ୟାସ:** ଆସନ୍ତୁ ଆମ କୃଷକ ଉତ୍ପାଦକ ସଂଗଠନ ପାଇଁ ଆବଶ୍ୟକୀୟ ସଂଯୋଗୀକରଣ ଓ ସହଭାଗୀତା ଉପରେ କାମ କରିବା ।

| ଆବଶ୍ୟକ କରୁଥିବା ବିଷୟ | ଅନୁଷ୍ଠାନ / ସଂସ୍ଥା | ଆବଶ୍ୟକତା | | |
|---|---|---|---|---|
| | | ବହୁଳ ଭାବରେ | ମଧ୍ୟମ ଭାବରେ | କମ୍ ଭାବରେ |
| ଆର୍ଥିକ   | | | | |
| ବିକ୍ରିବଟା   | | | | |
| ଦକ୍ଷତା ବିକାଶ   | | | | |

| ଆବଶ୍ୟକ କରୁଥିବା ବିଷୟ | ଅନୁଷ୍ଠାନ / ସଂସ୍ଥା | ଆବଶ୍ୟକତା | | |
|---|---|---|---|---|
| | | ବହୁଳ ଭାବରେ | ମଧ୍ୟମ ଭାବରେ | କମ୍ ଭାବରେ |
| ମାନବ ସମ୍ବଳ  | | | | |
| ଆଇନଗତ ନିୟମ ପାଳନ  | | | | |
| ଉତ୍ପାଦକତା ବୃଦ୍ଧି  | | | | |
| ପ୍ରକ୍ରିୟାକରଣ ଏବଂ କୃଷିଜାତ ଦ୍ରବ୍ୟ ମୂଲ୍ୟଯୁକ୍ତ   | | | | |
| ଗୋଦାମ ଗୃହ / ସଂରକ୍ଷଣ କେନ୍ଦ୍ର   | | | | |
| ଅନ୍ୟ ବ୍ୟବସାୟ ନିର୍ଦ୍ଦିଷ୍ଟ କରନ୍ତୁ   | | | | |

୩

# ତଦାରଖ ଏବଂ ବିବରଣୀ ପ୍ରଦାନ

## ଅଧିବେଶନ ଉଦ୍ଦେଶ୍ୟ



**କୃଷକ ଉତ୍ପାଦକ ସଂଗଠନ କିପରି ତଦାରଖ କରିବ ଏବଂ ବିଭିନ୍ନ ତଦାରଖ ସୂଚାଙ୍କ ବିଷୟରେ ଜାଣିବା । କୃଷକ ଉତ୍ପାଦକ ସଂଗଠନର ବିଭିନ୍ନ ଭିତରର ଓ ବାହାରର ଦାବୀଦାରଙ୍କ ବିବରଣୀ ପାଇବାର ଆବଶ୍ୟକତାକୁ ଆକଳନ କରିବା ଏବଂ ଏହା ପାଇଁ ବ୍ୟବସ୍ଥା କରିବା ।**

### ବିଷୟବସ୍ତୁ

୧. ତଦାରଖର ଗୁରୁତ୍ୱ
୨. ତଦାରଖର ବିଭିନ୍ନ ଦିଗ
୩. ତଦାରଖ କରିବା ପାଇଁ ସୂଚନା
୪. କୃଷକ ଉତ୍ପାଦକ ସଂଗଠନ ସବୁରେ ଆବଶ୍ୟକୀୟ ବିବରଣୀ ପ୍ରଦାନ

## ପରିଚୟ

କୃଷକ ଉତ୍ପାଦକ ସଂଗଠନ ଗୁଡିକରେ ଆମ୍ଭେ କିପରି ବିଭିନ୍ନ କାର୍ଯ୍ୟକ୍ରମକୁ ସଠିକଭାବେ ଚାଲୁ ରଖିବା / କାର୍ଯ୍ୟକ୍ରମ କରିପାରିବା। ଯଥା; ନିମ୍ନରେ ପ୍ରଦତ୍ତ କାର୍ଯ୍ୟକ୍ରମ :

- ଆର୍ଥିକ ସମ୍ବଳର ସୁବିନିଯୋଗ
- କୃଷି ଉତ୍ପାଦକୁ କିପରି ଗୁଣାତ୍ମକମାନ ଅନୁଯାୟୀ ଉଚିତ୍ ଦାମରେ କିଣିବା ।
- କର୍ମଚାରୀମାନେ କିପରି ସଠିକ୍ ଭାବରେ କାମ କରିବେ ।
- ଉଚିତ୍ ସମୟରେ ଏବଂ ଆବଶ୍ୟକ ପରିମାଣର ଗୁଣାତ୍ମକ ସାଧନ ବା ବିହନ, ସାର ଇତ୍ୟାଦିର ଯୋଗାଣ ।
- ସମସ୍ତ ସଂପୃକ୍ତ ବ୍ୟକ୍ତି ବା ଦାବୀଦାର ମାନଙ୍କୁ ଆବଶ୍ୟକ ବିବରଣୀ ପ୍ରଦାନ (ଯଥା: ଋଣ ବାର୍ତ୍ତା) କରିବା
- ଆଇନ୍‌ଭିତ୍ତିକ ନିୟମ ପାଳନ




- ସମ୍ବଳ ପ୍ରଦାନାକାରୀଙ୍କୁ ସୂଚନା ଦେବା: ଏକ ବ୍ୟାଙ୍କ୍, ଜଣେ ଅର୍ଥ ପ୍ରଦାନକାରୀ କିମ୍ବା ସରକାର।
- କୃଷକ ଉତ୍ପାଦକ ସଂଗଠନ ସବୁରେ ଫଳପ୍ରଦତଦାରଖ ମାଧ୍ୟମରେ ଏହି ସବୁ କାର୍ଯ୍ୟକ୍ରମର ସଠିକ କାର୍ଯ୍ୟକାରୀତା ଆମ୍ଭେ ସୁନିଶ୍ଚିତ କରିପାରିବା।

କୃଷକ ଉତ୍ପାଦକ ସଂଗଠନ ସବୁରେ ତଦାରଖ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଆନୁଷ୍ଠାନିକ ପ୍ରକ୍ରିୟା। ଆମ୍ଭେ ସମସ୍ତେ ଜାଣୁ, ତଦାରଖ ବିନା, ଅନୁଷ୍ଠାନକୁ ଆବଶ୍ୟକ ନିୟନ୍ତ୍ରଣ କରିବା ଏବଂ ସୁଚାରୁରୂପେ ଚଳାଇବା ସମ୍ଭବ ନୁହେଁ। କୃଷକ ଉତ୍ପାଦକ ସଂଗଠନର ପ୍ରଗତି ଏବଂ ଫଳାଫଳକୁ ସମୟ ଅନୁଯାୟୀ ତଦାରଖ କରିବା ହେଉଛି, ବୋର୍ଡ଼ର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଟେ।

## କିପରି ତଦାରଖ କରିବା ?

ଆମ୍ଭ କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟକ୍ରମକୁ ଆମ୍ଭର ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ନିମ୍ନମତେ ତଦାରଖ କରିପାରିବେ।



ବ୍ୟବସାୟ ପରିଚାଳନାକୁ ଆଧାର କରି, ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ସଦସ୍ୟମାନେ, ବୋର୍ଡ ସଭା ବ୍ୟତିତ ସମୟ ଅନୁଯାୟୀ ସମୀକ୍ଷା ସଭା କରିପାରିବେ। ବ୍ୟବସାୟର ଧାରା ଆଧାରରେ ସାପ୍ତାହିକ ଓ ମାସିକ ବୋର୍ଡ଼ର ସଂପୃକ୍ତ ଉପ-କମିଟିର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସ୍ଥାନକୁ (ଉଦାହରଣ ସ୍ୱରୂପ; ବିପଣନ / ମାର୍କେଟିଙ୍ଗ ଉପକମିଟି ସଦସ୍ୟମାନେ କ୍ରୟ କେନ୍ଦ୍ରକୁ ଯିବା) ପରିଦର୍ଶନରେ ଯାଇପାରିବେ ଓ କ୍ଷେତ୍ରରେ ପ୍ରତ୍ୟକ୍ଷ ତଦାରଖ କରିପାରିବେ। ବୋର୍ଡ଼ ଏକ ମତାମତ ବ୍ୟବସ୍ଥାକୁ ପ୍ରତିଷ୍ଠା କରିପାରିବ, ଯାହା ଫଳରେ ସଂପୃକ୍ତ ବିଭିନ୍ନ ବ୍ୟକ୍ତିବିଶେଷ ସଦସ୍ୟ, ଉପଭୋକ୍ତା, ଯୋଗାଣକାରୀ, କର୍ମଚାରୀ ପ୍ରଭୃତି ଆବଶ୍ୟକ ମତାମତ ରଖିପାରିବେ ଏବଂ ଉପଯୁକ୍ତ ସଂଶୋଧନ କରିପାରିବେ।

### ସଦସ୍ୟ ସନ୍ତୁଷ୍ଟି ସର୍ଭେ

କୃଷକ ଉତ୍ପାଦକ ସଂଗଠନର ସେବାରେ ସଦସ୍ୟମାନଙ୍କର ସନ୍ତୁଷ୍ଟି ସର୍ଭେ ହେଉଛି ମତାମତ ପାଇବାପାଇଁ ଓ ସମୟ ଅନୁଯାୟୀ ତାକୁ ଉନ୍ନତ କରିବା ପାଇଁ ଏକ ଫଳପ୍ରଦ ବ୍ୟବସ୍ଥା। ଏହା କୃଷକ ଉତ୍ପାଦକ ସଂଗଠନକୁ ପ୍ରତିଯୋଗୀତାମୂଳକ ଓ ଲାଭପ୍ରଦକରି ପରିଚାଳନା କରିବାରେ ସାହାଯ୍ୟ କରିବ। ସଦସ୍ୟ ସନ୍ତୁଷ୍ଟି ସର୍ଭେର ବିଭିନ୍ନ ଦିଗ ଯଥା; ସେବାର ସହଜଲଭ୍ୟ, ଗୁଣାତ୍ମକମାନ ଏବଂ ସମୟାନୁବର୍ତ୍ତିତା, ସେବା ଆବଶ୍ୟକତାକୁ ପୂରଣ କରିପାରୁଛି କି ନାହିଁ, ଉତ୍ତମ ସେବା ଯୋଗାଇବାକୁ କ'ଣ ସବୁ ଉନ୍ନତିର ଆବଶ୍ୟକ, ସଦସ୍ୟ ସନ୍ତୁଷ୍ଟି ତୁଳନାରେ ସେବା ପ୍ରଦାନକାରୀଙ୍କ ସେବାକୁ ଆକଳନ କରିପାରେ।

## ତଦାରଖ କରିବାର ସୂଚାଙ୍କ

ତଦାରଖର ଯେକୌଣସି ଦିଗ ହୋଇଥାଉ ନା କାହିଁ, ଏହା କେତେକ ସୂଚାଙ୍କ ଉପରେ ପର୍ଯ୍ୟବେଶିତ ହେବାର ଆବଶ୍ୟକତା ଅଛି। ସୂଚାଙ୍କଗୁଡ଼ିକ ତଦାରଖ କରିବାର ଫଳପ୍ରଦ ଉପାଦାନ ଅଟେ। ବିଭିନ୍ନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ବୋର୍ଡ ସମୟାନୁଯାୟୀ ବିଭିନ୍ନ ପ୍ରକାର ସୂଚାଙ୍କ ବ୍ୟବହାର କରିପାରେ।

ନିମ୍ନରେ ବୋର୍ଡ ଦ୍ୱାରା ତଦାରଖର କେତେକ ସୂଚୀତ ଉପାଦାନ ପ୍ରଦାନ କରାଗଲା। ତେବେ, ବିଭିନ୍ନ ପ୍ରକାର ସୂଚାଙ୍କ ଏବଂ ଏହାର ସମୟ ସଂପୃକ୍ତ କୃଷକ ଉତ୍ପାଦକ ସଂଗଠନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ବ୍ୟବସାୟ ଉପରେ ନିର୍ଭର କରେ।

**ଟେବୁଲ-୧ :** ତଦାରଖ ସୂଚାଙ୍କ

| କ୍ର. ସଂ. | ସୂଚାଙ୍କ | ବିସ୍ତୃତ ଭାବରେ | ସମୟ ଅନ୍ତରାଳ | ଅତି ଖରାପ | ଖରାପ | ହାରାହାରି | ଭଲ | ଅତି ଭଲ/ ଉତ୍ତମ |
|---|---|---|---|---|---|---|---|---|
| କ | ବ୍ୟବସାୟ  | | | | | | | |
| ୧. | ଚୁଡାନ୍ତ ଲାଭ | ସମସ୍ତ ପ୍ରକାର ଖର୍ଚ୍ଚ, ଟିକସ, ସୁଧ ଏବଂ ମୂଲ୍ୟ ହ୍ରାସ ପରେ ଚୁଡାନ୍ତ ଲାଭ । | ତ୍ରୈମାସିକ | | | | | |
| ୨. | ସମୁଦାୟ ବ୍ୟବସାୟିକ ମୂଲ୍ୟ | କୃଷକ ଉତ୍ପାଦକ ସଂଗଠନର ବିକ୍ରି କିମ୍ବା ସେବାର ମୂଲ୍ୟ | ତ୍ରୈମାସିକ | | | | | |
| ୩. | ଜଣେ ସଦସ୍ୟଙ୍କର ସମୁଦାୟ ମୂଲ୍ୟ | ବର୍ଷର ସମୁଦାୟ ମୂଲ୍ୟ ହରଣ ସଦସ୍ୟମାନଙ୍କର ସଂଖ୍ୟା | ତ୍ରୈମାସିକ | | | | | |
| ୪. | କର୍ପସ୍ ବା ଗଚ୍ଛିତ ପାଣ୍ଠି | ପାଣ୍ଠି ସୃଷ୍ଟି ଏବଂ ତାକୁ ଅନୁଷ୍ଠାନର ଆବଶ୍ୟକତା ପୂରଣ ପାଇଁ ରଖିବା | ତ୍ରୈମାସିକ | | | | | |
| ୫. | ଆର୍ଥିକ ଆତ୍ମ ପର୍ଯ୍ୟାପ୍ତି | ଖର୍ଚ୍ଚ କରିବାକୁ ଯଥେଷ୍ଟ ରାଜସ୍ୱ | ତ୍ରୈମାସିକ | | | | | |
| ୬. | ସେବା ବ୍ୟବହାର କରୁଥିବା ସଦସ୍ୟଙ୍କ ସଂଖ୍ୟା | ଅନୁପାତିକ କେତେ ସଭ୍ୟଙ୍କୁ ଆବଶ୍ୟକୀୟ ସେବାସମୂହ ପ୍ରଦାନ କରାଯାଉଛି । | ତ୍ରୈମାସିକ | | | | | |
| ଖ | ସହଭାଗୀତା  | | | | | | | |
| ୧. | ବୋର୍ଡ ସଦସ୍ୟମାନେ | ବୋର୍ଡ ସଭାରେ କେତେ ଶତକଡା ବୋର୍ଡ ସଦସ୍ୟ ଅଂଶଗ୍ରହଣ କରନ୍ତି | ତ୍ରୈମାସିକ | | | | | |
| ୨. | ପରିଚାଳନା ପରିଷଦର ସଦସ୍ୟମାନେ | ପରିଚାଳନା ପରିଷଦ ସଭାରେ କେତେ ଶତକଡା ସଦସ୍ୟ ଅଂଶଗ୍ରହଣ କରନ୍ତି । | ବାର୍ଷିକ | | | | | |
| ୩. | ସକ୍ରିୟ ସଦସ୍ୟ | ସମୁଦାୟ ସଦସ୍ୟମାନଙ୍କ ମଧ୍ୟରୁ କେତେ ଶତକଡା ସକ୍ରିୟ ଅଟନ୍ତି । | ୬ ମାସିକ | | | | | |

| କ୍ର. ସଂ | ସୂଚାଙ୍କ | ବିସ୍ତୃତ ଭାବରେ | ସମୟ ଅନ୍ତରାଳ | ଅତି ଖରାପ | ଖରାପ | ହାରାହାରି | ଭଲ | ଅତି ଭଲ/ ଉତ୍ତମ |
|---|---|---|---|---|---|---|---|---|
| ଗ | ନିୟମ ପାଳନ  | | | | | | | |
| ୧. | ବୋର୍ଡ ସଭାର ନିଷ୍ପତ୍ତି ସବୁ | ସମୁଦାୟ ବୋର୍ଡ ସଭାର ନିଷ୍ପତ୍ତି ଅନୁସାରେ କେତେ ପରିମାଣର ବୋର୍ଡ ସଭାର ନିଷ୍ପତ୍ତି ପାଳନ | ତ୍ରୈମାସିକ | | | | | |
| ୨. | ବାର୍ଷିକ ସାଧାରଣ ସଭାର ନିଷ୍ପତ୍ତିସମୂହ | ସମୁଦାୟ ବାର୍ଷିକ ସାଧାରଣ ପରିଷଦ ନିଷ୍ପତ୍ତି ଅନୁସାରେ କେତେ ପରିମାଣର ବାର୍ଷିକ ସାଧାରଣ ପରିଷଦର ନିଷ୍ପତ୍ତି ପାଳନ ହୋଇଛି | ବାର୍ଷିକ | | | | | |
| ୩. | ଅଡିଟର ସୁପାରିଶ ସମୂହ | ସମୁଦାୟ ଆଇନ ପାଳନରେ ସଂଖ୍ୟା ଅନୁଯାୟୀ କେତେ ଶତକଡା ସମୟ ଅନୁଯାୟୀ ଆଇନ୍ ପାଳନ ହୋଇଛି | ବାର୍ଷିକ | | | | | |
| ୪. | ଆଇନଭିତ୍ତିକ ନିୟମ ପାଳନ | ସମୁଦାୟ ଆଇନଭିତ୍ତିକ ନିୟମ ପାଳନର ଶତକଡା କେତେ ପାଳନ ହୋଇଛ | ତ୍ରୈମାସିକ | | | | | |
| ୫. | ବୋର୍ଡର ସଭା ଗୁଡିକ | ସମୁଦାୟ ବୋର୍ଡ ସଭା ସଂଖ୍ୟାର କେତେ ବାର୍ଷିକ ପରିମାଣରେ ବୋର୍ଡ ସଭା ନିୟମିତ ହୋଇଛି | ବାର୍ଷିକ | | | | | |
| | ମୋଟ | | | | | | | |

ଅଭ୍ୟାସ: ଏହି ଉପରୋକ୍ତ ଫର୍ମାଟ ଏବଂ ଏହାର ସମ୍ବନ୍ଧିତ ସୂଚକାଙ୍କ ସବୁକୁ ବ୍ୟବହାର କରି, ଆମ୍ଭେ କୃଷକ ଉତ୍ପାଦକ ସଙ୍ଗଠନର ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିତିକୁ ଆକଳନ କରିପାରିବା।

## କୃଷକ ଉତ୍ପାଦକ ସଂଗଠନ ପାଇଁ ଆବଶ୍ୟକ ବିବରଣୀ

ଯେହେତୁ କୃଷକ ଉତ୍ପାଦକ ସଂଗଠନ ସବୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଅନ୍ତି, ତେଣୁ ସମୟାନୁଯାୟୀ ସମସ୍ତ ଆବଶ୍ୟକ ବିବରଣୀ ପ୍ରସ୍ତୁତ କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ। କୃଷକ ଉତ୍ପାଦକ ସଂଗଠନ ଭିତରେ ବିଭିନ୍ନ କର୍ମକର୍ତ୍ତା ବିଭିନ୍ନ ପ୍ରକାର ବିବରଣୀ ଆବଶ୍ୟକ କରନ୍ତି ଓ କୃଷକ ଉତ୍ପାଦକ ସଂଗଠନ ବାହାରେ ମଧ୍ୟ ବିଭିନ୍ନ ବିବରଣୀ ଆବଶ୍ୟକ କରନ୍ତି। ଏହି ଆବଶ୍ୟକ ସୂଚନା ସାହାଯ୍ୟରେ ସଂପୃକ୍ତ କର୍ମକର୍ତ୍ତା ବିଭିନ୍ନ ପ୍ରକାରର ନିଷ୍ପତ୍ତି ନେଇପାରନ୍ତି ଏବଂ କାର୍ଯ୍ୟ କରିପାରନ୍ତି। ନିମ୍ନରେ ପ୍ରଦତ୍ତସାରଣୀରେ କୃଷକ ଉତ୍ପାଦକ ସଂଗଠନସବୁର ବିଭିନ୍ନ କର୍ମକର୍ତ୍ତାଙ୍କ ଦ୍ୱାରା ଆବଶ୍ୟକ ବିଭିନ୍ନ ପ୍ରକାରର ବିବରଣୀ ପ୍ରଦାନ କରାଗଲା।

**ସାରଣୀ – ୨ :** କୃଷକ ଉତ୍ପାଦକ ସଂଗଠନ ସବୁର ବିବରଣୀ ଆବଶ୍ୟକତା (କୃଷକ ଉତ୍ପାଦକ ସଂଗଠନ ଭିତରେ)

| କ୍ର. ସଂ. | କର୍ମକର୍ତ୍ତା / କାର୍ଯ୍ୟକ୍ରମ | ଆବଶ୍ୟକ ବିବରଣୀ | ସମୟ | ମନ୍ତବ୍ୟ |
|---|---|---|---|---|
| କ) | ସାଧାରଣ ପରିଷଦ ସଦସ୍ୟ ସବୁ / ବାର୍ଷିକ ସାଧାରଣ ପରିଷଦ ସଭା | | ବାର୍ଷିକ | ତେବେ ସ୍ୱତନ୍ତ୍ର ସାଧାରଣ ପରିଷଦ ସଭା ସବୁ ଅନୁଷ୍ଠିତ ହୁଏ, ସେତେବେଳେ ଆବଶ୍ୟକୀୟ ବିବରଣୀ ଗୁଡ଼ିକ ଉପସ୍ଥାପିତ କରାହୋଇଥାଏ। |
| ୧. | | ବାର୍ଷିକ ବିବରଣୀ | ବାର୍ଷିକ | କୃଷକ ଉତ୍ପାଦକ ସଂଗଠନର ବାର୍ଷିକ କାର୍ଯ୍ୟକ୍ରମ ସବୁର ବିବରଣୀ ଏହାର ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯିବା ଉଚିତ୍। |
| ୨. | | ବାର୍ଷିକ ଯୋଜନା | ବାର୍ଷିକ | କୃଷକ ଉତ୍ପାଦକ ସଂଗଠନର ବାର୍ଷିକ ଯୋଜନା ସହ ଆର୍ଥିକ ପରିକଳ୍ପନା ଓ ବିନିଯୋଗ ପ୍ରଭୃତିର ସୀକୃତି ଲାଭ ପାଇଁ ଉପସ୍ଥାପିତ କରାଯାଏ। |
| ୩. | | ଗଚ୍ଛିତ, ବଳକା, ବୋନସ ବଣ୍ଟନ ଉପରେ ବିବରଣୀ | ବାର୍ଷିକ | ଆର୍ଥିକ ପରିଚାଳନାର ବିସ୍ତୃତ ବିବରଣୀ, ଆନୁଷ୍ଠାନିକ ବିଧିବଦ୍ଧ ଅଡିଟ୍ ବିବରଣୀ ରେଜିଷ୍ଟ୍ରାରଙ୍କ ଦ୍ୱାରା କୌଣସି ପର୍ଯ୍ୟବେକ୍ଷଣ ମନ୍ତବ୍ୟ। |
| ଖ) | ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ / ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଭା। | | | କୃଷକ ଉତ୍ପାଦକ ସଂଗଠନ ସବୁର ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କ ଆଦର୍ଶ / ଋଦ୍ଧିମନ୍ତ ବିବରଣୀ ଆବଶ୍ୟକ ହୋଇଥାଏ। ତେବେ ଏହା ବ୍ୟତୀତ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ଅନୁଯାୟୀ, କୃଷକ ଉତ୍ପାଦକ ସଂଗଠନର ସ୍ୱତନ୍ତ୍ର ବ୍ୟବସାୟ ଉତ୍ପାଦକୁ ଦେଖି ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଅନ୍ୟ ଯେକୌଣସି ବିବରଣୀ ଆବଶ୍ୟକ କରିପାରନ୍ତି। |
| ୧. | | ନିୟମ ପାଳନର ବିବରଣୀ | ତ୍ରୈମାସିକ | ନିୟମପାଳନ ହେଉଛି ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ, ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ। |
| ୨. | | ଅଡିଟ୍ ବିବରଣୀ ଏବଂ ଅଡିଟ୍‌ରେ ଦର୍ଶାଯାଇଥିବା ସୁପାରଶ ପାଳନର ବିବରଣୀ | ତ୍ରୈମାସିକ (ଆର୍ଥିକ) ୬ ମାସିକ (ପରିଚାଳନା) ବାର୍ଷିକ ଶାସନ ବ୍ୟବସ୍ଥା | କୃଷକ ଉତ୍ପାଦକ ସଂଗଠନର ଆଭ୍ୟନ୍ତରୀଣ ଏବଂ ବାହାରର ଅଡିଟରଙ୍କ ଦ୍ୱାରା ବିବରଣୀ, ଅଡିଟ୍‌ରେ ଦର୍ଶାଯାଇଥବା ସୁପାରିଶ୍ ପାଳନର ବିବରଣୀ |

| କ୍ର. ସଂ. | କର୍ମକର୍ତ୍ତା / କାର୍ଯ୍ୟକ୍ରମ | ଆବଶ୍ୟକ ବିବରଣୀ | ସମୟ | ମନ୍ତବ୍ୟ |
|---|---|---|---|---|
| ୩. | | ତ୍ରୈମାସିକ ଅଗ୍ରଗତି ବିବରଣୀ | ତ୍ରୈମାସିକ | ତିନିମାସ ପାଇଁ ବିବରଣୀ ଯାହାର ଉପରେ ପ୍ରଶ୍ନ ଅଛି, ତାହା ସମୀକ୍ଷା ପାଇଁ ଅଟେ। |
| ୪. | | ତ୍ରୈମାସିକ ଆର୍ଥିକ ବିବୃତି / ବର୍ଣ୍ଣନା | ତ୍ରୈମାସିକ | ତ୍ରୈମାସିକ ଅସ୍ଥାୟୀ / ସାମୟିକ ବିବୃତି / ବର୍ଣ୍ଣନା। |
| ୫. | | ବ୍ୟବସାୟ ଯୋଜନା | ବାର୍ଷିକ | ମୌଳିକ / ପ୍ରଧାନ ବ୍ୟବସାୟ ଯୋଜନା ନଥି, ଏହି ଯୋଜନାରେ ଯେକୌଣସି ସଂଶୋଧନ |
| | | ବ୍ୟବସାୟ ନୀତି, ନିୟମ | ନିର୍ଦ୍ଦିଷ୍ଟ ବ୍ୟବସାୟ ସମୟରେ | ବ୍ୟବସାୟ ପାଇଁ ବ୍ୟବସାୟ ନୀତିନିୟମ ଯେଉଁ ସମୟରେ ପ୍ରଣୟନ କରାଯାଇଥାଏ। |
| ୭. | | ନୀତି ନିୟମ | ବାର୍ଷିକ | କୃଷକ ଉତ୍ପାଦକ ସଂଗଠନର ନୀତି ନିୟମ ଓ କାର୍ଯ୍ୟକାରୀ ହେଉଥିବା ନଥିପତ୍ର। |
| ଗ) | ମୂଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ / ପରିଚାଳନା | | | କୃଷକ ଉତ୍ପାଦକ ସଂଗଠନ ସବୁର ପରିଚାଳନା ପାଇଁ ବିଭିନ୍ନ ବିବରଣୀର ଆବଶ୍ୟକତା ଅଛି। ତେବେ, ଏହା ଗୋଟିଏ କୃଷକ ଉତ୍ପାଦକ ସଂଗଠନର ବ୍ୟବସାୟ ପାଇଁ ସ୍ୱତନ୍ତ୍ର ଅଟେ ଏବଂ ପ୍ରତ୍ୟେକ କୃଷକ ସଂଗଠନ ପାଇଁ ଏହା ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଥାଏ। |
| ୧. | | ମାସିକ ସୂଚନା | ମାସିକ | କୃଷକ ଉତ୍ପାଦକ ସଂଗଠନ ପାଇଁ ବ୍ୟବସାୟ ଉପରେ ଏକ ଆଦର୍ଶ / ଋଦ୍ଧିମନ୍ତ ଫର୍ମରେ ମାସିକ ବିବରଣୀ |
| ୨. | | ଉତ୍ପାଦନ ବିବରଣୀ | ବ୍ୟବସାୟ ଆଧାରରେ ଦୈନିକ / ସାପ୍ତାହିକ / ପାକ୍ଷିକ / ମାସିକ | କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ଉତ୍ପାଦିତ ହେଉଥିବା ଉତ୍ପାଦସମୂହର ବିବରଣୀ |
| ୩. | ସଭ୍ୟଙ୍କଠାରୁ ଉତ୍ପାଦ ସଂଗ୍ରହର ବିବରଣୀ | | ବ୍ୟବସାୟ ଆଧାରରେ ଦୈନିକ / ସାପ୍ତାହିକ / ପାକ୍ଷିକ / ମାସିକ | କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ସଭ୍ୟଙ୍କଠାରୁ ଉତ୍ପାଦ ସଂଗ୍ରହର ବିବରଣୀ |
| ୪. | | ବିକ୍ରୟ ବିବାରଣୀ | ବ୍ୟବସାୟକୁ ଭିତ୍ତିକରି ଦୈନିକ / ସାପ୍ତାହିକ/ପାକ୍ଷିକ/ ମାସିକ | କୃଷକ ଉତ୍ପାଦକ ସଂଗଠନର ଉତ୍ପାଦର ବିକ୍ରୟ ବିବରଣୀ |

**ସାରଣୀ – ୩:** କୃଷକ ଉତ୍ପାଦକ ସଂଗଠନ ସବୁରେ ଆବଶ୍ୟକ ବିବରଣୀ (ବାହାରର ବ୍ୟକ୍ତି / ଅନୁଷ୍ଠାନ ପାଇଁ)

| କ୍ର.ସଂ. | ସଂପୃକ୍ତ ବ୍ୟକ୍ତି ବିଶେଷ / ଅନୁଷ୍ଠାନ | ଆବଶ୍ୟକ ବିବରଣୀ |
|---|---|---|
| କ | କମ୍ପାନୀ ସମୂହର ରେଜିଷ୍ଟ୍ରାର / ନିବନ୍ଧକ / ସମବାୟ ସମିତି ସମୂହର ରେଜିଷ୍ଟ୍ରାର / ନିବନ୍ଧକ | |
| ୧ | | ବାର୍ଷିକ ରିଟର୍ଣ୍ଣ ସବୁ |
| ୨ | | ବାଲାନ୍ସ୍ ସିଟ୍, ଲାଭ ଓ କ୍ଷତି ବିବୃତି ବର୍ଣ୍ଣନା |
| ୩ | | ବଣ୍ଟନ ହୋଇଥିବା ରିଟର୍ଣ୍ଣ ସବୁ |
| ୪ | | ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କର ବିସ୍ତୃତ ବିବରଣୀ। |
| ୫ | | ଅଂଶଧନର ବିସ୍ତୃତ ବିବରଣୀ |
| ଖ) | ଅନ୍ୟ ବୈଧାନିକ କର୍ମକର୍ତ୍ତା | |
| ୧ | | ଦ୍ରବ୍ୟ ଏବଂ ସେବା କର (ଜି.ଏସ୍.ଟି) ଦାଖଲ |
| ୨ | | ଗଚ୍ଛିତ ବସ୍ତୁର ବିସ୍ତୃତ ବିବରଣୀ |
| ଗ) | ବ୍ୟାଙ୍କ / ଆର୍ଥିକ ଅନୁଷ୍ଠାନ | |
| ୧ | | ବିନିଯୋଗ ପ୍ରମାଣପତ୍ର ସବୁ |
| ୨ | | ଅଗ୍ରଗତି ବିବରଣୀ |
| ଘ) | ବୈଷୟିକ ସହଯୋଗ ଅନୁଷ୍ଠାନ | |
| ୧ | | ପ୍ରଶିକ୍ଷଣର ବିବରଣୀ |
| ୨ | | ବିନିଯୋଗ ପ୍ରମାଣପତ୍ର |
| ୩ | | ଅଗ୍ରଗତି ବିବରଣୀ |
| ଙ) | କ୍ରେତାସମୂହ | |
| ୧ | | ଗଚ୍ଛିତ ବସ୍ତୁ ପ୍ରଦାନର ବିବରଣୀ |
| ୨ | | ଗଚ୍ଛିତ ବସ୍ତୁର ଗୁଣାତ୍ମକମାନର ବିବରଣୀ |

କର୍ମଚାରୀମାନେ ବିଭିନ୍ନ ବିବରଣୀ ପ୍ରସ୍ତୁତ କରିଥାଆନ୍ତି ଏବଂ ସାମଗ୍ରିକ ଭାବରେ ବିବରଣୀ ଉପଯୁକ୍ତ ସମୟରେ ପ୍ରସ୍ତୁତ ହେବା ବୋର୍ଡ଼ର ଦାୟିତ୍ୱ ଅଟେ, ନିର୍ଦ୍ଦିଷ୍ଟ ଭାବରେ ବାହାରର ବୈଧାନିକ ଏବଂ ଆର୍ଥିକ ସଂପୃକ୍ତ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଏବଂ କୃଷକ ଉତ୍ପାଦକ ସଂଗଠନ ଭିତରେ ସେମାନଙ୍କର ସଦସ୍ୟମାନଙ୍କୁ ବିବରଣୀ ପ୍ରଦାନ କରିବାର ଦାୟୀତ୍ୱ ବୋର୍ଡର ଅଟେ।

**କୃଷକ ଉତ୍ପାଦକ ସଂଗଠନର ବାର୍ଷିକ ବିବରଣୀର ସୂଚୀତ ରୂପରେଖ**

- କୃଷକ ଉତ୍ପାଦକ ସଂଗଠନର ପୃଷ୍ଠଭୂମି ।
- ବାର୍ଷିକ ଯୋଜନା
- ବର୍ଷକ ମଧ୍ୟରେ ହାତକୁ ନିଆଯାଇଥିବା ମୁଖ୍ୟ କାର୍ଯ୍ୟକ୍ରମ
- ଅଡିଟ୍ ହୋଇଥିବା ଆର୍ଥିକ ବର୍ଣ୍ଣନା / ବିବୃତି ।
- ସଦସ୍ୟ ଅନୁସାରେ ଦେଣନେଣର ସ୍ଥିତି
- ମୁଖ୍ୟ ସହଭାଗୀତା / ସଂଯୋଗୀକରଣ
- ସମ୍ବଳର ଆୟୋଜନ
- କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କ ବିସ୍ତୃତ ବିବରଣୀ

## ବୋର୍ଡ ପାଇଁ ସହଯୋଗୀ ନିଷ୍ପତ୍ତି

କୃଷକ ଉତ୍ପାଦକ ସଂଗଠନସବୁର ବୋର୍ଡର ସଦସ୍ୟ ହିସାବରେ, ଆମ୍ଭେ ଆମ୍ଭ କୃଷକ ଉତ୍ପାଦକ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ଯଥା; ଅଟକଳ ବିନିଯୋଗ ଏବଂ ଅର୍ଥ ଉପଲବ୍ଧତା, କର୍ମଚାରୀମାନଙ୍କର କାର୍ଯ୍ୟ ଦକ୍ଷତା ଇତ୍ୟାଦିର ଅବସ୍ଥା ଉପରେ ସଚେତନ ହେବା ଦରକାର । ସମୟ ଅନୁଯାୟୀ ଆମ୍ଭେ ମଧ୍ୟ ବିଭିନ୍ନ ପ୍ରକାରର ନିଷ୍ପତ୍ତି ନେବା ଦରକାର ଯଥା; ବ୍ୟବସାୟ ଚକ୍ର ପାଇଁ ଋଣ ନେବା, ସଦସ୍ୟମାନଙ୍କୁ ବୋନସ୍ ଦେବା ଇତ୍ୟାଦି ।

ବିଭିନ୍ନ କାର୍ଯ୍ୟକ୍ରମର ଅବସ୍ଥାକୁ ଜାଣିବାପାଇଁ ଏବଂ ଆବଶ୍ୟକ ନିଷ୍ପତ୍ତି ନେବାପାଇଁ କ'ଣ ସବୁଠାରୁ ଗୁରୁତର ଦିଗ ଅଟେ ? ନିଃସନ୍ଦେହରେ ଏହା ହେଉଛି ସୂଚନା । ବିଶ୍ୱସ୍ତ ସୂଚନା ପାଇବାକୁ ହେଲେ, ସମୟ ଅନୁଯାୟୀ ଏହା ଦେଖାଯାଏ ଯେ, ଆବଶ୍ୟକ ବିବରଣୀ ପ୍ରସ୍ତୁତ କରିବାକୁ ହୋଇଥାଏ । ନିମ୍ନରେ ଏକ ଉଦାହରଣ ମାଧ୍ୟମରେ କେତେକ ନିଷ୍ପତ୍ତି, ଏଥିପାଇଁ ଆବଶ୍ୟକ ସୂଚନା ଏବଂ ସୂଚନାର ଉତ୍ସ ଦିଆଗଲା ।

କୃଷକ ଉତ୍ପାଦକ ସଂଗଠନସବୁର ବୋର୍ଡର ସଦସ୍ୟ ହିସାବରେ, ଆମ୍ଭେ ଆମ୍ଭ କୃଷକ ଉତ୍ପାଦକ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ଯଥା; ଅଟକଳ ବିନିଯୋଗ ଏବଂ ଅର୍ଥ ଉପଲବ୍ଧତା, କର୍ମଚାରୀମାନଙ୍କର କାର୍ଯ୍ୟ ଦକ୍ଷତା ଇତ୍ୟାଦିର ଅବସ୍ଥା ଉପରେ ସଚେତନ ହେବା ଦରକାର। ସମୟ ଅନୁଯାୟୀ ଆମ୍ଭେ ମଧ୍ୟ ବିଭିନ୍ନ ପ୍ରକାରର ନିଷ୍ପତ୍ତି ନେବା ଦରକାର ଯଥା; ବ୍ୟବସାୟ ଚକ୍ର ପାଇଁ ଋଣ ନେବା, ସଦସ୍ୟମାନଙ୍କୁ ବୋନସ୍ ଦେବା ଇତ୍ୟାଦି।

ବିଭିନ୍ନ କାର୍ଯ୍ୟକ୍ରମର ଅବସ୍ଥାକୁ ଜାଣିବାପାଇଁ ଏବଂ ଆବଶ୍ୟକ ନିଷ୍ପତ୍ତି ନେବାପାଇଁ କ'ଣ ସବୁଠାରୁ ଗୁରୁତର ଦିଗ ଅଟେ ?

ନିଃସନ୍ଦେହରେ ଏହା ହେଉଛି ସୂଚନା।

ବିଶ୍ୱସ୍ତ ସୂଚନା ପାଇବାକୁ ହେଲେ, ସମୟ ଅନୁଯାୟୀ ଏହା ଦେଖାଯାଏ ଯେ, ଆବଶ୍ୟକ ବିବରଣୀ ପ୍ରସ୍ତୁତ କରିବାକୁ ହୋଇଥାଏ। ନିମ୍ନରେ ଏକ ଉଦାହରଣ ମାଧ୍ୟମରେ କେତେକ ନିଷ୍ପତ୍ତି, ଏଥିପାଇଁ ଆବଶ୍ୟକ ସୂଚନା ଏବଂ ସୂଚନାର ଉତ୍ସ ଦିଆଗଲା।

**ଚିତ୍ର – ୩:** ବୋର୍ଡ଼ ପାଇଁ ସହଯୋଗୀ ନିଷ୍ପତ୍ତି

| ନିଷ୍ପତ୍ତି / ଅବସ୍ଥା | ଆବଶ୍ୟକ ସୂଚନା | ସୂଚନା ପାଇଁ ବିବରଣୀ / ନଥିପତ୍ର |
|---|---|---|
| ଫଳ ପ୍ରକ୍ରିୟାକରଣ କେନ୍ଦ୍ର ପାଇଁ ବିନିଯୋଗ | ଆର୍ଥିକ କେନ୍ଦ୍ରର ସାଧ୍ୟତା, ସମ୍ଭାବ୍ୟତା | ବ୍ୟବସାୟ ଯୋଜନା |
| ଏକ ନୂଆ ସହରରେ ପ୍ୟାକେଟ କ୍ଷୀରର ବ୍ୟବସାୟ ଆରମ୍ଭ | ଉପଭୋକ୍ତା ପର୍ଯ୍ୟବେସିତ, ଦାବୀ, ପରିବହନ, ପ୍ରତିଯୋଗୀ ସବୁ | ବିପଣନ ଷ୍ଥିତି ବିବରଣୀ |
| ଆସନ୍ତା ଶସ୍ୟ ଉତ୍ପାଦନ ଋତୁରେ ସଦସ୍ୟମାନଙ୍କୁ ସେବା ଯୋଗାଇବା ଆବଶ୍ୟକ | ସଦସ୍ୟମାନଙ୍କର ଆବଶ୍ୟକତା, ଦାବୀ ଓ ଋତୁ ଅନୁଯାୟୀ | ସଦସ୍ୟଙ୍କ ଆବଶ୍ୟକତା ଆକଳନ |
| ଆର୍ଥିକ ସ୍ୱାସ୍ଥ୍ୟ | ଲାଭ ହେବାକୁ ଥିବା, ବର୍ତ୍ତମାନ ସମ୍ପତ୍ତି, ଦେୟ, ହିସାବ ନଥିପତ୍ର ପ୍ରସ୍ତୁତ କରିବା | ଆର୍ଥିକ ବିବୃତ୍ତି, ଅଡିଟ୍ ସୁପାରିଶ୍‌ରେ ଦର୍ଶାଯାଇଥିବା ନିୟମ ପାଳନ ଉପରେ କାର୍ଯ୍ୟକାରୀତା ବିବରଣୀ |
| ଅନୁଷ୍ଠାନର ଅଗ୍ରଗତି | ବ୍ୟବସାୟ, ସଦସ୍ୟମାନଙ୍କର ସେବା, ସଂଯୋଗୀକରଣ ପ୍ରଭୃତି। | କାର୍ଯ୍ୟ ଯୋଜନା ଅନୁସାରେ ଅଗ୍ରଗତି ବିବରଣୀ |

# ୪

# ଅଡିଟ୍

## ଅଧିବେଶନ ଉଦ୍ଦେଶ୍ୟ



**ଅଡିଟ ପାଇଁ ଆବଶ୍ୟକତାକୁ ହୃଦୟଙ୍ଗମ କରିବା, କୃଷକ ଉତ୍ପାଦକ ସଂଗଠନ ସବୁରେ ବିଭିନ୍ନ ପ୍ରକାରର ଅଡିଟ୍ ସମ୍ବନ୍ଧରେ ଜାଣିବା ଏବଂ ଅଡିଟ୍‌ର ପର୍ଯ୍ୟବେକ୍ଷଣ ଅନୁସାରେ କାର୍ଯ୍ୟର ଗୁରୁତ୍ୱ ବୁଝିବା।**

**ବିଷୟବସ୍ତୁ**

୧. କୃଷକ ଉତ୍ପାଦକ ସଂଗଠନ ସବୁରେ ଅଡିଟ୍‌ର ଆବଶ୍ୟକତା

୨. କୃଷକ ଉତ୍ପାଦକ ସଂଗଠନ ସବୁରେ ବିଭିନ୍ନ ପ୍ରକାରର ଅଡିଟ୍।

୩. ଅଡିଟ୍‌ର ପର୍ଯ୍ୟବେକ୍ଷଣ ଅନୁସାରେ କାର୍ଯ୍ୟସବୁ

## ବିଷୟ ପରିଚୟ

ଆର୍ଥିକ ବର୍ଷର ଶେଷ ପରେ ଆମ୍ଭ କୃଷକ ଉତ୍ପାଦକ ସଂଗଠନର ହୋଇଥିବା ନେଣଦେଣ ସବୁ ସଦସ୍ୟମାନଙ୍କର ନଜରକୁ ଆଣିବା। ଆମ କୃଷକ ଉତ୍ପାଦକ ସଙ୍ଗଠନର ଗତ ଆର୍ଥିକ ବର୍ଷର ଆର୍ଥିକ ବିବରଣୀସବୁ ପ୍ରସ୍ତୁତ ହେବ। ଏହିସବୁ ବିବୃତି ଆମ୍ଭ କୃଷକ ଉତ୍ପାଦକ ସଂଗଠନର ହିସାବ ବହିରେ ରୂପରେଖ ଭାବରେ ସ୍ଥାନ ପାଇବ ଏବଂ ପ୍ରକୃତ ସ୍ଥିତିକୁ ପ୍ରତିଫଳିତ କରିବ। ଯେହେତୁ ସବୁ ଆର୍ଥିକ ଦେଣ ନେଣ ଆମ୍ଭଦ୍ୱାରା ପରିଚାଳିତ ହେଉଛି, ତେଣୁ ଆମ୍ଭ ଦ୍ୱାରା ଉପସ୍ଥାପିତ ବିବରଣୀ ସବୁରେ ସନ୍ଦେହ ଉପୁଜିପାରେ। ତେଣୁ ପ୍ରତ୍ୟେକ ଆର୍ଥିକ ବର୍ଷରେ ଶେଷରେ, କୃଷକ ଉତ୍ପାଦକ ସଂଗଠନର ହିସାବ ସବୁ ଏହାର ସାଧାରଣ ପରିଷଦ ଦ୍ୱାରା ନିୟୋଜିତ ଅଡିଟରଙ୍କ ଦ୍ୱାରା ଅଡିଟ୍ ହେବ। ଥରେ ଅଡିଟ୍ ଶେଷ ହେଲାପରେ, ଆମ୍ଭେ ଅଡିଟ୍ ବିବୃତି ଓ ଆର୍ଥିକ ବର୍ଣ୍ଣନା/ ବିବୃତି ସାଧରଣ ପରିଷଦରେ ସେମାନଙ୍କର ସ୍ୱୀକୃତି ପାଇଁ ଉପସ୍ଥାପିତ କରିବା।

## ଅଡିଟ୍

ଅଡିଟ୍ ମୁଖ୍ୟତଃ କର୍ମଚାରୀ, ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟ ଏବଂ ସାଧାରଣ ପରିଷଦସଦସ୍ୟମାନେ ସେମାନଙ୍କୁ ସୂଚୀତ କରାଯାଇଥିବା କର୍ତ୍ତବ୍ୟ ଉପଯୁକ୍ତ ଭାବରେ ପାଳନ କରୁଛନ୍ତି କି ନାହିଁ ତାକୁ ଯାଞ୍ଚ କରାଯାଏ ଏବଂ ଏହି କର୍ତ୍ତବ୍ୟଗୁଡିକ ନିର୍ଦ୍ଧାରିତ ନୀତି / ବ୍ୟବସ୍ଥା / ନିୟମ ଅନୁସାରେ ହୋଇଛି କି ନାହିଁ ଦେଖାଯାଏ / ଯାଞ୍ଚ କରାଯାଏ । ତେଣୁ ଅଡିଟ୍ ବିଭିନ୍ନ କାର୍ଯ୍ୟକ୍ରମ ନୀତି / ନିୟମ ଏବଂ ଆଦର୍ଶଗତ ଧାରା ଅନୁସାରେ ହେଉଛି କି ନାହିଁ କିମ୍ବା ସେଠାରୁ କୌଣସି ବ୍ୟତିକ୍ରମ ଏବଂ ଏହାକୁ ସମୃଦ୍ଧ କରିବାକୁ କିଛି ସଂଶୋଧନର ଆବଶ୍ୟକତାକୁ ପ୍ରକାଶ କରିଥାଏ । ଆମ୍ଭ ବୋର୍ଡର ଅଡିଟ୍ କରିବା ହେଉଛି ଏକ କାର୍ଯ୍ୟ ଏବଂ ବାର୍ଷିକ ଅଡିଟ୍ ବିବୃତି / ବର୍ଣ୍ଣନାକୁ ସାଧାରଣ ପରିଷଦସଭାରେ ସବୁ ସଦସ୍ୟଙ୍କ ପାଖରେ ଉପସ୍ଥାପିତ କରିବା ।



**ଅଭ୍ୟାସ:** ଅଡିଟ୍‌ର ୫ଟି ବ୍ୟବହାର ଏବଂ କୃଷକ ଉତ୍ପାଦକ ସଂଗଠନସବୁର ଅଡିଟ୍ ନ କରିବାର ମୋଟ ପରିଣାମର ତାଲିକା କର ଏବଂ ଆଲୋଚନା କର ।

**ଅଭ୍ୟାସ:**

ଅଡିଟ୍‌ର ୫ଟି ବ୍ୟବହାର ଏବଂ କୃଷକ ଉତ୍ପାଦକ ସଂଗଠନସବୁର ଅଡିଟ୍ ନ କରିବାର ମୋଟ ପରିଣାମର ତାଲିକା କର ଏବଂ ଆଲୋଚନା କର।

| କ୍ର.ସଂ. | ଅଡିଟ୍‌ର ବ୍ୟବହାର ସବୁ | ଅଡିଟ୍ ନ କରିବାର ପରିଣାମ |
|---|---|---|
| ୧ | ଉଦାହରଣ: ହିସାବ ବହି ଗୁଡ଼ିକର ଠିକ୍ ରୂପେ ପରିଚାଳିତ ହେଉଛି କି ନାହିଁ ଅଡିଟ୍ ଦେଖାଏ | ଉଦାହରଣ: ଆର୍ଥିକ ପରିଚାଳନା ଉପରେ ନିୟନ୍ତ୍ରଣ ନାହିଁ |
| | | |
| | | |
| | | |
| | | |

**କମ୍ପାନୀ ଆଇନ ୨୦୧୩:**

ଇନ୍‌ଷ୍ଟିଚ୍ୟୁଟ୍ ଅଫ ଚାଟାର୍ଡ ଆକାଉଣ୍ଟସ୍ ଆଇନ ୧୯୪୯ (୧୯୪୯ର ୩୮)ର ଧାରା ୨, ଉପଧାରା (୧)ର କ୍ଲଜ୍ (ବି)ରେ ନିର୍ଦ୍ଧାରିତ, ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ପ୍ରତ୍ୟେକ ଉତ୍ପାଦକ କମ୍ପାନୀ ସେମାନଙ୍କର ହିସାବ ସବୁର ଆଭ୍ୟନ୍ତରୀଣ ଅଡିଟ୍ କିଛି ସମୟ ବ୍ୟବଧାନରେ ଏବଂ ଆର୍ଟିକିଲ୍‌ରେ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସାରେ କରିବେ।

## କିଏ ଅଡିଟ୍ କରିବା ଉଚିତ

ବୈଧାନିକ ଅଡିଟ୍ ସାଧାରଣତଃ ସାଧାରଣ ପରିଷଦ ଦ୍ୱାରା ନିଯୁକ୍ତ ବାହାରର ଅଡିଟରଙ୍କ ଦ୍ୱାରା କରାଯାଏ। ଆମ୍ଭେ ବୋର୍ଡର ସଦସ୍ୟ ହିସାବରେ ଅନୁଷ୍ଠାନର ଦୀର୍ଘକାଳୀନ ସ୍ୱାର୍ଥକୁ ରକ୍ଷା କରିବାକୁ ଆଶା କରିଥାଉ। ଅନୁଷ୍ଠାନ ଭିତରେ କୌଣସି ଦୋଷତ୍ରୁଟିକୁ ଆମ୍ଭେ ଛାଡ଼ିଦେବା ଆଶା କରାଯାଏ ନାହିଁ। ଆଭ୍ୟନ୍ତରୀଣ ଅଡିଟ୍ ଆମ୍ଭକୁ ଆମ୍ଭର ବ୍ୟବସ୍ଥା ଏବଂ କାର୍ଯ୍ୟ କଲାବେଳେ ହେଉଥିବା ଦୋଷତ୍ରୁଟିକୁ ଚିହ୍ନଟ କରିବାର ହାତାପାହାନ୍ତା ଅନୁଭୂତି ପ୍ରଦାନ କରିଥାଏ ଏବଂ ସେଗୁଡ଼ିକୁ ମଧ୍ୟ ସଂଶୋଧନ କରିବାକୁ ସୁଯୋଗ ଦେଇଥାଏ।

ଯଦି ଆମ୍ଭ ବୋର୍ଡଦ୍ୱାରା ଆଭ୍ୟନ୍ତରୀଣ ଅଡିଟର ବର୍ଷସାରା ଆମ୍ଭର ହିସାବ ସବୁର "ଆଭ୍ୟନ୍ତରୀଣ ଅଡିଟ୍" କରିପାରିବା, ତେବେ ଚାଟାର୍ଡ ଆକାଉଣ୍ଟାଣ୍ଟ ବର୍ଷ ଶେଷରେ ଅଡିଟ୍ କଲାବେଳେ ସେ ଆମ୍ଭର ହିସାବକିତାବ ବହୁତ ଭଲ ବ୍ୟବସ୍ଥିତ ଢଙ୍ଗରେ ଅଛି ବୋଲି ଦେଖିପାରନ୍ତି। ଆମ୍ଭେ ମଧ୍ୟ ଆଭ୍ୟନ୍ତରୀଣ ଅଡିଟ୍‌କୁ ଆମ୍ଭ ଅନୁଷ୍ଠାନର ସ୍ୱଚ୍ଛତା, ଉତ୍ତରଦାୟୀତ୍ୱତା ଏବଂ ଏକ ଉତ୍ତମ ପରିଚାଳନାଭିତ୍ତିକ ଅନୁଷ୍ଠାନ ଭାବେ ଗଢି ତୋଳିବା ପାଇଁ ବ୍ୟବହାର କରୁଛୁ।

**ଅଡିଟରଙ୍କର ନିଯୁକ୍ତି:**

ନିମ୍ନରେ ପ୍ରଦତ୍ତ କେତେକ ପ୍ରସ୍ତାବିତ ମାନଦଣ୍ଡ ଏବଂ ପଦକ୍ଷେପ ଅନୁସାରେ ଅଡିଟରମାନଙ୍କୁ ନିଯୁକ୍ତି ଦିଆଯାଇପାରିବ ।

### ବାକ୍ସ: ଅଡିଟର ନିଯୁକ୍ତିର ମାନଦଣ୍ଡ

୧. ସହଜ ଉପଲବ୍ଧ;

୨. ଯଥେଷ୍ଟ ସମୟ ଦେଇ ପାରୁଥିବେ;

୩. କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟସ୍ଥଳ ବୁଲି ଦେଖିବାର ଇଚ୍ଛା, କେବଳ କୃଷକ ଉତ୍ପାଦକ ସଂଗଠନର ଅଞ୍ଚଳରେ ହିଁ ଅଡିଟ୍ କରିବା, କୃଷକ ଉତ୍ପାଦକ ସଂଗଠନର ବୋର୍ଡ / କର୍ମଚାରୀଙ୍କୁ ପ୍ରଶିକ୍ଷଣ / ଶିକ୍ଷା ଦେବାକୁ ଇଚ୍ଛା ଥିବ;

୪. କୃଷକ ଉତ୍ପାଦକ ସଂଗଠନର ଅଡିଟ୍ କରିବାର ଅନୁଭୂତି ଥିବ;

୫. ନିଜର ଯଥେଷ୍ଟ କର୍ମଚାରୀ ଥିବେ;

୬. ତାଙ୍କର ପୂର୍ବରୁ ରେକର୍ଡ ଭଲ / ହୃଦୟସ୍ପର୍ଶୀ ଥିବ;

୭. ଦଳିତ ଅବହେଳିତ, ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ କାମ କରିବାକୁ ଆଗ୍ରହ ଥିବ ଓ ଯଥାଯଥ ପ୍ରାପ୍ୟ ନେଉଥିବେ ।

### ଅଡିଟର ନିଯୁକ୍ତି ପାଇଁ କେତେକ ପଦକ୍ଷେପକୁ ମାନିବା ଆବଶ୍ୟକ

୧. କମ୍ପାନୀ, ତା'ର ବୈଠକର ଅଡିଟର ନିଯୁକ୍ତି ସମ୍ବନ୍ଧରେ ନିଷ୍ପତ୍ତି ନେବାର ୭ଦିନ ଭିତରେ ଅଡିଟରଙ୍କୁ ତାଙ୍କ ନିଯୁକ୍ତି କଥା ଜଣାଇବା ଉଚିତ୍ ।

୨. ତାପରେ ଅଡିଟରଙ୍କଠାରୁ ତାଙ୍କର ସମ୍ମତିର ଚିଠି ଅଣାଯିବ ।

୩. କମ୍ପାନୀଠାରୁ ତାଙ୍କର ନିଯୁକ୍ତି କଥା ଜାଣିବାର ଏକମାସ ମଧ୍ୟରେ ଅଡିଟର କମ୍ପାନୀସମୂହର ରେଜିଷ୍ଟ୍ରାରଙ୍କୁ ଜଣାଇବା ଉଚିତ୍ ।

**କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ଅଡିଟ୍ କରାହେବ**

ନିୟମିତ ଅଡିଟ୍ କରିବା ଏବଂ ଅଡିଟ୍‌ର ସୁପାରିଶ୍ ଅନୁଯାୟୀ ନିୟମ ପାଳନ କରିବା ହେଉଛି ବୋର୍ଡର ଗୁରୁତ୍ୱପୂର୍ଣ୍ଣ କାମ । ଆମ୍ଭେ ଉଭୟ ଆଭ୍ୟନ୍ତରୀଣ ଅଡିଟ୍ (ଯେଉଁଟାକି ସେମାନଙ୍କର ନିଜର ଆଭ୍ୟନ୍ତରୀଣ ଉତ୍ତମ ଅଭ୍ୟାସ) ଏବଂ ବାହ୍ୟ ବୈଧାନିକ ଅଡିଟ୍ (ନିୟମ ଦ୍ୱାରା ବାଧ୍ୟତାମୂଳକ ଅଟେ) ସୁନିଶ୍ଚିତ କରିବା ଉଚିତ୍ । ଆଭ୍ୟନ୍ତରୀଣ ଅଡିଟ୍ ଆର୍ଥିକ, ପରିଚାଳନାଗତ ଓ ଶାସନ ବ୍ୟବସ୍ଥାର ବିଭିନ୍ନ ଦିଗକୁ ଦେଖିଥାଏ ।

ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ ସାରଣୀଟି କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ହେଉଥିବା ଆବଶ୍ୟକ ଅଡିଟ୍‌ର ବିସ୍ତୃତ ବିବରଣୀ ପ୍ରଦାନ କରୁଛି ।

**ସାରଣୀ – ୪:** କୃଷକ ଉତ୍ପାଦକ ସଂଗଠନର ଆଭ୍ୟନ୍ତରୀଣ ଅଡିଟ୍ / ସମୀକ୍ଷା

| କ୍ର.ସଂ. | ନିର୍ଦ୍ଦିଷ୍ଟ / ବିଷୟବସ୍ତୁ | ଆଭ୍ୟନ୍ତରୀଣ ଅଡିଟ୍ | | |
|---|---|---|---|---|
| | | ଆର୍ଥିକ | ପରିଚାଳନାଗତ | ଶାସନଗତ |
| ୧. | ଆବଶ୍ୟକତା / ଉଦ୍ଦେଶ୍ୟ | କୌଣସି ତ୍ରୁଟି / ବିଚ୍ୟୁତି ନଥାଇ ବ୍ୟବସ୍ଥିତ ଢଙ୍ଗରେ ସବୁ ଆର୍ଥିକ ଦେଣନେଣକୁ ସୁନିଶ୍ଚିତ କରିବା। | କାର୍ଯ୍ୟକ୍ରମଗୁଡ଼ିକ ବ୍ୟବସ୍ଥା ଭିତରେ ଫଳପ୍ରଦଭାବରେ ଅନୁଷ୍ଠିତ ହୋଇଛି ଯାହା ସଦସ୍ୟମାନଙ୍କର ସମୟାନୁଯାୟୀ ଓ ଗୁଣାତ୍ମକମାନ ଅନୁସାରେ ଆବଶ୍ୟକତା ପୂରଣ କରିଛି କି ନାହିଁ ଆକଳନ କରିବା। | ଆକଳନ କରିବାକୁ ହେବ ଯେ, ଯେପରି କୃଷକ ଉତ୍ପାଦକ ସଂଗଠନ ଉଦ୍ଦେଶ୍ୟ ହାସଲ ପାଇଁ ଭଲ ଶାସନଗତ ଅଭ୍ୟାସ କରୁଛି କି ନାହିଁ, ସେ ଦିଗରେ କାମ କରିବାକୁ ଆଗଭର ଅଛି କି ନାହିଁ। |
| ୨. | ଅଡିଟ୍ /ସମୀକ୍ଷାର ପରିସର | ହିସାବ, ନଥିପତ୍ର ଲେଖା ପରିଚାଳନା (ବୁକ୍ କିପିଙ୍ଗ୍) ବ୍ୟାଙ୍କ ରିକନ୍‌ସିଲେସନ୍ ଷ୍ଟେଟ୍‌ମେଣ୍ଟ୍ (ବି.ଆର.ଏସ୍), ଦେଣନେଣ ଖର୍ଚ୍ଚ ଏବଂ ବଜେଟ ନିୟନ୍ତ୍ରଣ, ଆର୍ଥିକ ସ୍ୱଚ୍ଛତା, ତ୍ରୈମାସିକ ଆର୍ଥିକ ବିବୃତି, ଚଳନ୍ତି ମୂଳଧନର ସ୍ଥିତି, ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅନୁପାତ, ଆର୍ଥିକ ସଂସ୍ଥାକୁ ବିବରଣୀ ପ୍ରଦାନ | ମାନବ ସମ୍ବଳ, ବାର୍ଷିକ ଲକ୍ଷ୍ୟ ଅନୁସାରେ ପ୍ରଗତି, ତଥ୍ୟ / ସୂଚନା, ପ୍ରକ୍ରିୟା ତଦାରଖ, ବିବରଣୀ, ମୂଲ୍ୟ ଓ ଉପକାର ବିଶ୍ଳେଷଣ, ସଂଯୋଗୀକରଣ, ବ୍ୟବସାୟ କାର୍ଯ୍ୟାବଳୀ ଯଥା କ୍ରୟ, ପ୍ରକ୍ରିୟାକରଣ ଗଚ୍ଛିତ କରିବା ଇତ୍ୟାଦି। | କୃଷକ ଉତ୍ପାଦକ ସଂଗଠନ ପରିଣାମ, ଆଇନଭିତ୍ତିକ ନିୟମ ପାଳନ, ବୋର୍ଡର ସଭା, ସାଧାରଣ ପରିଷଦର ସଭା, ସଦସ୍ୟମାନଙ୍କ ସନ୍ତୁଷ୍ଟି, ଭୂମିକା, ସ୍ୱଚ୍ଛତା, ଉତ୍ତରଦାୟୀତ୍ୱ |
| ୩. | କିଏ କରିବା ଉଚିତ୍ | କର୍ମଚାରୀ ଏବଂ ଜଣେ ବାହାରର ସହଗାମୀ / ସହକାରୀ ଅଡିଟର (ବୈଧାନିକ ଅଡିଟ୍ ପାଇଁ ଯିଏ ଅଛି ସେହି ଅଡିଟର ହୋଇପାରନ୍ତି) | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବୋର୍ଡର କମିଟି ସଦସ୍ୟ, ବାହାରର ବ୍ୟକ୍ତି ଯାହାଙ୍କୁ କି ବ୍ୟବସାୟର ସ୍ତରକୁ ଭିତ୍ତି କରି ନିଆଯାଇପାରେ। | ଜଣେ ବୋର୍ଡର ପ୍ରତିନିଧି ସଦସ୍ୟ ଏବଂ ଜଣେ ବାହାରର ବିଶେଷଜ୍ଞ |
| ୪. | କେତେବେଳେ | ମାସିକ କିମ୍ବା ତ୍ରୈମାସିକ (ନେଣଦେଣକୁ ଭିତ୍ତି କରି) | ତ୍ରୈମାସିକ କିମ୍ବା ୬ ମାସିକିଆ ଯାହା କାର୍ଯ୍ୟାବଳୀ ସ୍ତର ଉପରେ ନିର୍ଭର କରିବ। ଯଥା; ଋତୁକାଳୀନ କାର୍ଯ୍ୟକ୍ରମ ଯଥା କ୍ରୟ, ପ୍ରକ୍ରିୟାକରଣ ପ୍ରଭୃତି ଯାହା ସେହି ଋତୁରେ ହିଁ କରିବାକୁ ହୋଇଥାଏ। | ବାର୍ଷିକ |

| କ୍ର.ସଂ. | ନିର୍ଦ୍ଦିଷ୍ଟ / ବିଷୟବସ୍ତୁ | ଆଭ୍ୟନ୍ତରୀଣ ଅଡିଟ୍ | | |
|---|---|---|---|---|
| | | ଆର୍ଥିକ | ପରିଚାଳନାଗତ | ଶାସନରୀତ |
| ୫. | କିଏ ସମୀକ୍ଷା କରିବେ ? | ମୂଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବୋର୍ଡର କମିଟି | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବୋର୍ଡର କମିଟି | ବୋର୍ଡ |
| ୬. | କିଏ ଅଡିଟ୍ ବିବରଣୀ ଉପରେ କାମ କରିବ ? | ମୂଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ହିସାବରକ୍ଷକ | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସଂପୃକ୍ତ କର୍ମଚାରୀ | ବୋର୍ଡ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ |

**ସାରଣୀ – ୫:** କୃଷକ ଉତ୍ପାଦକ ସଂଗଠନରେ ଆଭ୍ୟନ୍ତରୀଣ ଅଡିଟ୍

| କ୍ର.ସଂ. | ବିଷୟବସ୍ତୁ | ବୈଧାନିକ ଅଡିଟ୍ |
|---|---|---|
| ୧. | ଆବଶ୍ୟକତା / ଉଦ୍ଦେଶ୍ୟ | ନିୟମ ପାଳନ |
| ୨. | ଅଡିଟ୍ର ପରିସର | ସମସ୍ତ ହିସାବ ସମ୍ବନ୍ଧୀୟ ଏବଂ ଅତିରିକ୍ତଭାବେ, ଆର୍ଥିକ ବ୍ୟବସ୍ଥା ଏବଂ ଆଦର୍ଶ କାର୍ଯ୍ୟଶୈଳୀ ପ୍ରଭୃତି । |
| ୩. | କିଏ କରିବା ଉଚିତ୍ | ନିଯୁକ୍ତି ପାଇଥିବା ଅଡିଟର |
| ୪. | କେତେବେଳେ | ବାର୍ଷିକ |
| ୫. | କିଏ ସମୀକ୍ଷା କରିବେ ? | ବୋର୍ଡ |
| ୬. | କିଏ ଅଡିଟ୍ ବିବରଣୀ ଉପରେ କାର୍ଯ୍ୟ କରିବେ ? | ବୋର୍ଡ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ |

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଭ୍ୟଙ୍କର ଅଡିଟ୍ରେ ଭୂମିକା:**

**ଅଡିଟ୍ ପୂର୍ବରୁ:**

- ଅଡିଟ୍ର ପ୍ରକାର ଏବଂ ସମୟ ଉପରେ ନିଷ୍ପତ୍ତି
- ଅଡିଟର ଚିହ୍ନଟ ଏବଂ ଚୁକ୍ତିନାମା (TOR) ଜରିଆରେ ତାଙ୍କୁ କାମ ଦେବା ।
- ସଂପୃକ୍ତ କାମକୁ କର୍ମଚାରୀମାନଙ୍କ ମଧ୍ୟରେ ବାଣ୍ଟିବା ।

**ଅଡିଟ୍ ସମୟରେ:**

- ଅଡିଟର୍ଙ୍କୁ ଆବଶ୍ୟକ ନଥିପତ୍ର, ସୂଚନା, ତଥ୍ୟ ଯୋଗାଇବା ସୁନିଶ୍ଚିତ କରାଇବା ।
- ଅଡିଟ ଯେପରି ସ୍ୱଚ୍ଛ ଓ ନିରପେକ୍ଷ ହୁଏ ତାକୁ ସୁନିଶ୍ଚିତ କରାଇବ ।

**ଅଡିଟ୍ ସରିଲାପରେ:**

- ଅଡିଟ୍ର ସୁପାରିଶ୍କୁ ପାଇବାପାଇଁ ନିଜେ ଚେଷ୍ଟା କରିବା
- ବୋର୍ଡର ସଭାରେ ଅଡିଟ୍ର ସୁପାରିଶ୍କୁ ଆଲୋଚନା କରିବା ।
- ଅଡିଟର ପର୍ଯ୍ୟବେକ୍ଷଣକୁ ସାଧାରଣ ପରିଷଦରେ ଉପସ୍ଥାପିତ କରିବା ଏବଂ ସେମାନଙ୍କ ଅନୁମୋଦନ ନେବା ।
- ଅଡିଟ୍ର ସୁପାରିଶଗୁଡିକ କାର୍ଯ୍ୟକାରୀ ହେବାପାଇଁ ସୁନିଶ୍ଚିତ କରିବା ।

**ଅଭ୍ୟାସ:** ନିମ୍ନରେ ଅଡିଟ୍ ପର୍ଯ୍ୟବେକ୍ଷଣର କେତେକ ଉଦାହରଣ ଦିଆହୋଇଛି । ଆସ ଆମେ ଏହାକୁ ଆଲୋଚନା କରିବା ଏବଂ ଏହି ପର୍ଯ୍ୟବେକ୍ଷଣ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

| କ୍ର.ସଂ. | ପର୍ଯ୍ୟବେକ୍ଷଣ | କଣ କାର୍ଯ୍ୟାନୁଷ୍ଠାନ ନେବା ? |
|---|---|---|
| ୧. | ମାସ ଶେଷରେ କୃଷକ ଉତ୍ପାଦକ ସଂଗଠନର ନଗଦ ପରିଶେଷ ଓ ବ୍ୟାଙ୍କ୍ ପରିଶେଷ ମେଳ ଖାଇଲା ନାହିଁ । | |
| ୨. | କ୍ୟାସ୍ ବୁକ୍ କଲମ / ପେନସିଲ୍‌ରେ ଲେଖା ହୋଇଥିଲା । ପ୍ରଥମ ଓ ଶେଷ ନଗଦ ପରିଶେଷ କଲମ / ପେନ୍‌ସିଲ୍‌ରେ ଲେଖା ହୋଇଥିଲା । | |
| ୩. | ନଗଦ ବହିରେ କେତେକ ରସିଦ୍ ଓ ପ୍ରାପ୍ୟ ଭାଉଚର ଲେଖା ହୋଇନାହିଁ । | |
| ୪. | ତିନିଗୋଟି ଦେଣନେଣ ଉପଯୁକ୍ତ / ଗ୍ରହଣୀୟ ନୁହେଁ କାରଣ ତାହାର ଭାଉଚର ନାହିଁ, ଦସ୍ତଖତ ନାହିଁ କିମ୍ବା ବଜେଟ୍‌ରେ ତାହା ନାହିଁ । | |
| ୫. | ଦସ୍ତଖତ ଥାଇ ତିନୋଟି ପୂରଣ ହୋଇ ନଥିବା ଚେକ୍ ଥିଲା । ଚେକ୍ ଦେବା ରେଜିଷ୍ଟର ଠିକ୍ ରୂପେ ଲେଖା ଯାଇନାହିଁ । | |
| ୬. | କ୍ରୟ କେନ୍ଦ୍ରରେ ଗଚ୍ଛିତ ଥିବା କୋଳଥ ଏବଂ ସ୍ଥାନୀୟ ଗୋଦାମ ଗୃହରେ ଗଚ୍ଛିତ ଥିବା କୋଳଥର ପରିମାଣ ସହିତ ଏହି ଋତୁ ଶେଷରେ ମେଳ ଖାଉନାହିଁ । | |
| ୭. | ଯେହେତୁ କିଣା ଓ ବିକା ଏବଂ ଗଚ୍ଛିତ ରେଜିଷ୍ଟର ଲେଖା ଯାଉନାହିଁ । ତେଣୁ କେତେ ଦ୍ରବ୍ୟ ଗଚ୍ଛିତ ହୋଇଅଛି ସ୍ପଷ୍ଟ ଜଣା ପଡୁନାହିଁ । | |
| | **ଶାସନଗତ** | |
| ୮. | ଏହା ଜଣାପଡ଼ିଲା ଯେ, ବାର୍ଷିକ ରିଟର୍ଣ୍ଣ ଠିକ୍ ସମୟରେ ଦାଖଲ ହୋଇନାହିଁ । | |
| ୯. | ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କର ଅନୁମୋଦନ ବିନା ଗତ ମାସରେ ବାହାର ଉତ୍ସରୁ ଉଧାର ଅଣାଯାଇଛି । | |
| ୧୦. | ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ଦୁଇଟି ସଭାର ନିଷ୍ପତ୍ତି ଠିକ୍ ନୁହେଁ, କାରଣ ଏହି ସଭାଗୁଡ଼ିକ କୋରମ୍ ବ୍ୟତୀତ ଅନୁଷ୍ଠିତ ହୋଇଛି । | |

## ଆଲୋଚନା ପାଇଁ ପ୍ରଶ୍ନାବଳୀ

(କ) କୃଷକ ଉତ୍ପାଦକ ସଂଗଠନ ବୋର୍ଡର ଧାରଣା ଯେ, ଯେଉଁ ବେସରକାରୀ ସଂଗଠନ ଏହାକୁ ବିକାଶ କରିବାକୁ ଚାହୁଁଛି, ସେହି ସଂଗଠନର ଆବଶ୍ୟକତା ପୂରଣ ପାଇଁ ଅଡିଟ୍‌ର ଉଦ୍ଦେଶ୍ୟ ଅଟେ । ସତ୍ୟ / ମିଥ୍ୟା

(ଖ) ବୋର୍ଡ଼ର ଧାରଣା ଯେ, କୃଷକ ଉତ୍ପାଦକ ସଂଗଠନର ସମସ୍ତ କାର୍ଯ୍ୟ ଠିକ୍ ରୂପେ ହେଉଛି । ତେଣୁ ଅଡିଟ୍‌ର ଆବଶ୍ୟକତା ନାହିଁ ।

ସତ୍ୟ / ମିଥ୍ୟା

(ଗ) ଏକ ସରକାରୀ ବିଭାଗଗୋଟିଏ ସମବାୟ ସମିତିକୁ ଅନୁଦାନ ଦେଲା, ତେବେ ଏହି ବିଭାଗ ତାଙ୍କର ପ୍ରତିନିଧି ଏହି ଅନୁଦାନର ଆକାଉଣ୍ଟ ଅଡିଟ୍ କରିବାକୁ କହୁଛି । ସମବାୟ ସମିତିର ବୋର୍ଡ ଏହି ସର୍ତ୍ତରେ ରାଜି ହୋଇପାରେ କି ?

(ଘ) ଏକ କୃଷକ ଉତ୍ପାଦକ ସଂଗଠନର ଅଡିଟର ସବୁବେଳେ ବ୍ୟସ୍ତ ଓ ବୋର୍ଡ ନିର୍ଦ୍ଦେଶକମଣ୍ଡଳୀଙ୍କୁ କହେ କି ସବୁ ହିସାବ ବହି ତାଙ୍କ ଅଫିସକୁ ପଠାଇବାକୁ ଯାହା ୪୦ କି.ମି. ଦୂରରେ ଏକ ସହରରେ ଅବସ୍ଥିତ । ଏଥିରୁ ଯାହା ଜଣାପଡୁଛି ତାଙ୍କ ପାଖରେ ଏଥିପାଇଁ ସମୟ ନାହିଁ । ଏହି ପରିପ୍ରେକ୍ଷୀରେ ବୋର୍ଡ କ'ଣ କରିବା ଉଚିତ୍ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

(ଙ) ଏକ କୃଷକ ଉତ୍ପାଦକ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ତା କଲେ ଯେ, ଯେହେତୁ ଏହି ତିନି ମାସରେ ବେଶୀ ଦେଣନେଣ ହୋଇନାହିଁ, ଆର୍ଥିକ ଅଡିଟ୍‌କୁ ବର୍ତ୍ତମାନ ପାଇଁ ବନ୍ଦ କରାଯାଇପାରେ ଏବଂ ତାହା ଥରେ ବର୍ଷ ଶେଷରେ ହୋଇପାରେ । ଏହାର ପରିଣାମ କ'ଣ ହୋଇପାରେ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

৪

# ସବୁଠାରୁ ଭଲ କାର୍ଯ୍ୟ କରୁଥିବା କୃଷକ ଉତ୍ପାଦକ ସଂଗଠନସବୁର ମୁଖ୍ୟ ବୈଶିଷ୍ଟ୍ୟସମୂହ

## ଅଧିବେଶନ ଉଦ୍ଦେଶ୍ୟ



**ସବୁଠାରୁ ଭଲ କାର୍ଯ୍ୟ କରୁଥିବା କୃଷକ ଉତ୍ପାଦକ ସଂଗଠନସବୁର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ଜାଣିବା ।**

**ଅଭ୍ୟାସ**

ଆସନ୍ତୁ ଆମେ ଏକ ସବୁଠାରୁ ଭଲ କାର୍ଯ୍ୟ କରୁଥିବା କୃଷକ ଉତ୍ପାଦକ ସଂଗଠନ ଉପରେ ଏକ ଚଳଚ୍ଚିତ୍ର ଦେଖିବା ଏବଂ କୃଷକ ଉତ୍ପାଦକ ସଂଗଠନସବୁର ମୁଖ୍ୟ ସଫଳ ଦିଗଗୁଡ଼ିକୁ ଚିହ୍ନଟ କରିବା । ଏହି ଆଲୋଚନାରୁ, ଏହା ପ୍ରମାଣିତ ଯେ, ସଫଳ ହେବାକୁ ହେଲେ, କୃଷକ ଉତ୍ପାଦକ ସଂଗଠନସବୁର କେତେକ ବୈଶିଷ୍ଟ୍ୟ ରହିବା ଆବଶ୍ୟକ। ତେବେ ସ୍ଥାନ କାଳ ପାତ୍ର ଅନୁଯାୟୀ ଏହି ବୈଶିଷ୍ଟ୍ୟର ଗୁରୁତ୍ୱ ଭିନ୍ନ ଭିନ୍ନ ହୋଇଥାଏ। ସେ ଯାହା ହେଉ ନା କାହିଁକି, ନିମ୍ନରେ ସଫଳ କୃଷକ ଉତ୍ପାଦକ ସଂଗଠନସବୁର ସାଧାରଣ ବୈଶିଷ୍ଟ୍ୟଗୁଡିକ ଦିଆଗଲା, ଆସନ୍ତୁ ଆମ୍ଭେ ସେଗୁଡିକୁ ଆଲୋଚନା କରିବା।

- ସମବାୟ ମୂଲ୍ୟବୋଧ ଓ ନୀତିକୁ ପାଳନ କରିବା।
- ନେତୃତ୍ୱ ଏବଂ ସମବାୟ ତତ୍ତ୍ୱବଧାୟକ
- ଖୁବ୍ ଫଳପ୍ରଦ ଶାସନ ବ୍ୟବସ୍ଥା
- ପେଶାଗତ ପରିଚାଳନା
- ଶକ୍ତିଶାଳୀ / ବଳିଷ୍ଠ ଆଭ୍ୟନ୍ତରୀଣ ବ୍ୟବସ୍ଥା ସବୁ – ହିସାବ ଏବଂ ନଥିପତ୍ର ଲିଖନ, ଶାସନ ବ୍ୟବସ୍ଥା, ବ୍ୟବସାୟ ତଦାରଖ ଇତ୍ୟାଦି।
- ସମ୍ଭବପର ଏବଂ ସାଧ୍ୟ ବ୍ୟବସାୟ ନମୂନା।
- ବିପଣନ (Market), ଅର୍ଥ ଏବଂ ବୈଷୟିକ ସଂଯୋଗୀକରଣ।
- ସଦସ୍ୟମାନଙ୍କର ଆବଶ୍ୟକତା ଅନୁସାରେ ଗୁଣାତ୍ମକ ସେବା।
- ସଦସ୍ୟଙ୍କର ସକ୍ରିୟ ପୃଷ୍ଠପୋଷକତା

# ଉତ୍ତମ କାର୍ଯ୍ୟ କରୁଥିବା କୃଷକ ଉତ୍ପାଦକ ସଂଗଠନର ମୁଖ୍ୟ ବୈଶିଷ୍ଟ୍ୟସମୂହ



# ଶେଷ ମୂଲ୍ୟାୟନ

ଦୟାକରି ମନେପକାନ୍ତୁ, ଏହି ପେଟିକା/ମଡ୍ୟୁଲର ଆରମ୍ଭରେ, ଆମ୍ଭେ ସଙ୍ଗଠନର ପୂର୍ବ ସ୍ଥିତି ମୂଲ୍ୟାୟନ / ବେସ୍ ଲାଇନ୍‌ରେ କୃଷକ ଉତ୍ପାଦକ ସଂଗଠନସବୁର ପରିଚାଳନା ବିଷୟରେ କେତେକ ମୌଳିକ ପ୍ରଶ୍ନର ଉତ୍ତର ଦେଇଥିଲେ ।

ବର୍ତ୍ତମାନ ଏହି ପେଟିକାର ଶେଷରେ ଆସି ପହଞ୍ଚିଛେ । କାର୍ଯ୍ୟକ୍ରମ ଶେଷରେ ବା ଏଣ୍ଡ ଲାଇନ୍‌ରେ ଆମ୍ଭର ଏହି ଶିକ୍ଷଣ ପେଟିକା ଜରିଆରେ କ'ଣ ଅଧିକ ବୁଝାମଣା ହେଲା ତାକୁ ଆକଳନ କରିବା ।

ତେଣୁ, ଆସ ଆମ୍ଭେ ଆମ୍ଭର ଏହି ପେଟିକାରୁ କ'ଣ ଶିକ୍ଷଣ ହେଲା, କେତେକ ପ୍ରଶ୍ନ ମାଧ୍ୟମରେ ଜାଣିବା ।

୧. କୃଷକ ଉତ୍ପାଦକ ସଂଗଠନରେ ଥିବା ପ୍ରତ୍ୟେକ କର୍ମଚାରୀମାନଙ୍କର ଭୂମିକା କ'ଣ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୨. କୃଷକ ଉତ୍ପାଦକ ସଂଗଠନ ପାଇଁ ସଂଯୋଗୀକରଣର ଆବଶ୍ୟକତା ଅଛି କାହିଁକି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୩. କୃଷକ ଉତ୍ପାଦକ ସଂଗଠନରେ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ କିପରି ତଦାରଖ କରିପାରିବେ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୪. ବିଭିନ୍ନ ପ୍ରକାରର ଅଡିଟ୍ ସବୁ କ'ଣ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

# ଏହି ପେଟିକା – କୃଷକ ଉତ୍ପାଦକ ସଂଗଠନର ପରିଚାଳନାରୁ ମୁଖ୍ୟ କାର୍ଯ୍ୟ ଯୋଜନା ।

ଆସ ଲେଖିବା, ଏହି କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ପାଇଁ ପରିଚାଳନା ପେଟିକାର ମୁଖ୍ୟ କାର୍ଯ୍ୟ ଯୋଜନା କ'ଣ ହୋଇପାରେ ?

## ଏହି ପେଟିକା – କୃଷକ ଉତ୍ପାଦକ ସଂଗଠନର ପରିଚାଳନାରୁ ମୁଖ୍ୟ କାର୍ଯ୍ୟ ଯୋଜନା ।

ଆସ ଲେଖିବା**,** ଏହି କୃଷକ ଉତ୍ପାଦକ ସଂଗଠନଗୁଡିକପାଇଁ ପରିଚାଳନା ପେଟିକାର ମୁଖ୍ୟ କାର୍ଯ୍ୟ ଯୋଜନା କ'ଣ ହୋଇପାରେ ?

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … … … …

# ଉତ୍ତମ କାର୍ଯ୍ୟ କରୁଥିବା କୃଷକ ଉତ୍ପାଦକ ସଂଗଠନର ମୁଖ୍ୟ ବୈଶିଷ୍ଟ୍ୟସମୂହ



## ଏପିମାସ୍ ସମ୍ପର୍କରେ

ଏପିମାସ୍ ଏକ ଅଣ-ଲାଭଦାୟକ ଜାତୀୟ ସ୍ତରୀୟ ସାଧନ ଅନୁଷ୍ଠାନ, ଯିଏ କି ଲୋକ ସଙ୍ଗଠନମାନଙ୍କର ସଶକ୍ତିକରଣ ପାଇଁ କାର୍ଯ୍ୟ କରେ। ସେଗୁଡିକ ହେଲା ମହିଳା ସ୍ୱୟଂ ସହାୟକ ଦଳ (ଏସଏଚଜି), ସ୍ୱୟଂ ସହାୟକ ଦଳର ସଂଘ, କୃଷକ ଉତ୍ପାଦକ ସଙ୍ଗଠନ ଏବଂ ଅନ୍ୟାନ୍ୟ ଗୋଷ୍ଠିଭିତ୍ତିକ ସଙ୍ଗଠନସମୂହ। ନିଜେ ନିଜକୁ ସହାୟତା, ସମୂହ ଲାଭ, ନିଜର ଦାୟିତ୍ୱବୋଧତା ଏବଂ ଆତ୍ମନିର୍ଭରଶୀଳତା ସଙ୍ଗଠନର ଉପଦେଷ୍ଟା ମୂଲ୍ୟବୋଧକୁ ବିଶ୍ୱାସ ଏବଂ ଅଭ୍ୟାସ କରେ।







## ସମର୍ଥନ - କୃଷକ ଉତ୍ପାଦକ ସଙ୍ଗଠନ ପରିଚାଳନା

କୃଷକ ଉତ୍ପାଦକ ସଙ୍ଗଠନ ଇନକ୍ୟୁବେସନ କେନ୍ଦ୍ର ହେଉଛି ଏପିମାସ୍ ଦ୍ୱାରା ପ୍ରୋତ୍ସାହିତ ଏକ କୃଷକ ଉତ୍ପାଦକ ସଙ୍ଗଠନକୁ ଇନକ୍ୟୁବେସନ ଏବଂ ପୋଷଣ ସହାୟତା ଯୋଗାଇବା ପାଇଁ କୃଷକ ଉତ୍ପାଦକ ସଙ୍ଗଠନଗୁଡିକ ଏବଂ କୃଷକ ଉତ୍ପାଦକ ସଙ୍ଗଠନକୁ ପ୍ରୋତ୍ସାହନ ତଥା ସହାୟତା ସଂସ୍ଥାର ସହଭାଗିତାରେ ଏହି ସଂସ୍ଥାଗୁଡିକର ବିକାଶ ଏବଂ ସ୍ଥାୟୀ ଉଦ୍ୟୋଗରେ ବିକାଶ କରିବା। ଏହି ଅନୁଷ୍ଠାନ ଗୁଡିକର ବିକାଶ ତଥା ମଜବୁତ କରିବା ପାଇଁ ଯେପରିକି ଦର୍ଶନ, ଆଇନଗତ ନିୟମ, ପରିଚାଳନା, ଶାସନ ଏବଂ ଦକ୍ଷତା ବିକାଶ ଇତ୍ୟାଦି ସେବା ପ୍ରଦାନ କରିଥାଏ । ଏହା ବ୍ୟବସାୟିକ ବିକାଶ ସେବା ଯେପରିକି ବ୍ୟବସାୟ ଯୋଜନା, ଆର୍ଥିକ ସମନ୍ୱୟ, ବିପଣନ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟରେ ସମ୍ଭାବନା ବିକାଶରେ ବୈଷୟିକ ସହାୟତା ପ୍ରଦାନ କରିଥାଏ।

ସହାୟତା

DGRV

ଅନୁବାଦ

cysd Enable-Empower-Include

ପ୍ରକାଶନ

apmas